

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୩ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 November 2024

Vol.No. 35 ■ No.310 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଦାନୀ ଝଡ଼ରେ ଜଗନମୋହନଙ୍କ ନାଁ

## ଛତିଶଗଡ଼, ତାମିଲନାଡୁ, ଓଡିଶା ଏବଂ ଜମ୍ମୁ କଶ୍ମୀରରେ ଆଦାନୀ ଝଡ଼



ନୂଆଦିଲ୍ଲୀ, ୨୨/୧୧ : ୨୦୨୧ରେ ତତ୍କାଳୀୟ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କୁ ଭେଟି ଲାଞ୍ଚ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ଗୌତମ ଆଦାନୀ। ଆମେରିକାର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ କମିଶନ ଏହି ଅଭିଯୋଗ ଆଣିଛି। ଅଭିଯୋଗ କରିଛି ଯେ ଗୌତମ ଆଦାନୀ ୨୦୨୧ରେ ଜଗନ ରେଡ୍ଡୀଙ୍କୁ ସାକ୍ଷାତ କରି ସରକାରଙ୍କ ଦ୍ୱାରା ପରିଚାଳିତ ସୋଲାର ଏନର୍ଜି କର୍ପୋରେସନ୍ ଅଫ୍ ଇଣ୍ଡିଆ ସହିତ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ ଚୁକ୍ତି ସୁରକ୍ଷିତ ରଖିବା ପାଇଁ ଉଭୟଙ୍କ ମଧ୍ୟରେ ଟଙ୍କା କାରବାର ଉପରେ ଆଲୋଚନା ହୋଇଥିଲା। ଏସଇସି ଦାଖଲ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ 'ଏହି ବୈଠକ ସମୟରେ ଆଦାନୀ ଆନ୍ଧ୍ରପ୍ରଦେଶର ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇଥିଲେ, ନହେଲେ ଲାଞ୍ଚ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୧,୭୫୦ କୋଟି ଟଙ୍କା ଲାଞ୍ଚ କାରବାର ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ବୈଠକର କିଛି ଦିନ ପରେ ଆନ୍ଧ୍ରପ୍ରଦେଶ ଏସଇସିଆଇରୁ ୭ ଗିଗାୱାଟ ଶକ୍ତି କିଣିବାକୁ ରାଜି ହୋଇଥିଲା। ଏହା ସେତେବେଳେ କୌଣସି ରାଜ୍ୟ ଦ୍ୱାରା କିଣାଯାଇଥିବା ସର୍ବାଧିକ ସୌର ଶକ୍ତି ଥିଲା। ଏହାର ଅର୍ଥ ଦିଆଯାଇବା ଲାଞ୍ଚ କିମ୍ବା ପ୍ରତିଶ୍ରୁତି କାମ କରିଛି ବୋଲି ଆମେରିକାର ଏଜେନ୍ସି ଅଭିଯୋଗ କରିଛି। ଆମେରିକାର ତଦନ୍ତକାରୀ ଏଜେନ୍ସି ଅଭିଯୋଗ କରିଛି ଯେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ୧୨ ଗିଗାୱାଟ ସୌର ଉତ୍ପାଦିତ ବିଦ୍ୟୁତ୍ ଯୋଗାଇବା ପାଇଁ ଏସଇସିଆଇ ୨୦୨୦ରେ ଆଦାନୀ ଗ୍ରୁପ୍ ଏବଂ ଆଜୁର୍ ପାୱାରକୁ ଟେଣ୍ଡର ଦେଇଥିଲା। ଏହି ଟେଣ୍ଡର ମୂଲ୍ୟ ଅଧିକ ଥିବାରୁ ସୌର ଶକ୍ତି କିଣିବା ପାଇଁ ଏସଇସିଆଇ କ୍ରେତା ଖୋଜି ପାଇନଥିଲା। ଏସଇସିଆଇ କ୍ରେତା ଖୋଜିବାରେ ଅସମର୍ଥ ହେବାରୁ ଆଦାନୀ ଏବଂ ଅଜୁରେ ରାଜ୍ୟ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେବା ପାଇଁ ଷଡଯନ୍ତ୍ର କରିଥିଲେ। ୨୦୨୧-୨୦୨୩ ମଧ୍ୟରେ ରାଜ୍ୟ ବିଦ୍ୟୁତ୍ ବିତରଣ ▶▶ପୃଷ୍ଠା ୭

# ଯୁକ୍ତ ଦୁଇ ମାର୍କିଂ ଢାଞ୍ଚାରେ ହେବ ପରିବର୍ତ୍ତନ: ୮୦ରୁ ୨୪ ନମ୍ବର ରଖିଲେ ପାସ୍



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଫେବୃଆରୀ ୧୮ରୁ ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା। ପରୀକ୍ଷା ଦେବେ ୩ ଲକ୍ଷ ୯୧ ହଜାର ୮୦୯ ଜଣ ଛାତ୍ରଛାତ୍ରୀ। ଏଥର ମାର୍କିଂ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ପ୍ରଥମ ଥର ପାଇଁ ବୋର୍ଡ ପରୀକ୍ଷା ପୂର୍ବରୁ ଆସେସମେଣ୍ଟ ପରୀକ୍ଷା ଦେବେ ଯୁକ୍ତ ୨ ଛାତ୍ରଛାତ୍ରୀ। ୧୦୦ ମାର୍କ ଥିଓରୀ ବଦଳରେ ୮୦ ମାର୍କର ପରୀକ୍ଷା ହେବ। ଏହି ୮୦ ମାର୍କରୁ ୨୪ ନମ୍ବର ରଖିଲେ ପାସ୍ ହେବେ ଛାତ୍ରଛାତ୍ରୀ। ଯେଉଁ ବିଷୟ ବସ୍ତୁଗୁଡିକରେ ପ୍ରାକ୍ଟିକାଲ କିମ୍ବା ପ୍ରୋଜେକ୍ଟ ନାହିଁ ସେହି ବିଷୟ ପାଇଁ ୨୦ ମାର୍କର ଇଣ୍ଟରନାଲ ଆସେସମେଣ୍ଟ ରହିବ। ଆଉ ଥିଓରୀ ରହିବ ୮୦ ମାର୍କ। କିନ୍ତୁ ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ଥିବା ବିଷୟରେ ପୂର୍ବପରି ମାର୍କ ଦିଆଯିବ। ପୂର୍ବରୁ ଦେଖାଯାଇଛି ପିଲାମାନେ ଭଲ ପାଠ ପଢୁଥିଲେ ବି ପରୀକ୍ଷା ଚାପରେ ଭଲ ମାର୍କ ରଖିପାରୁନଥିଲି। ଏହାକୁ ଆଖି ଆଗରେ ରଖି ମାର୍କିଂ ଢାଞ୍ଚା ସହ ପ୍ରଶ୍ନପତ୍ର ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏଥର ବଡ଼ବଡ଼ ପ୍ରଶ୍ନ ବଦଳରେ ଛୋଟ ଛୋଟ ପ୍ରଶ୍ନ ପଡ଼ିବ। ୧୦ ମାର୍କର ପ୍ରଶ୍ନ ବଦଳରେ ୭ ମାର୍କର ପ୍ରଶ୍ନ ରହିବ। ଏହି ପରିବର୍ତ୍ତନ ବିଷୟରେ ଗତ ଅଗଷ୍ଟ ମାସରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିଷ୍ପତି ନେଇଥିଲା। ପରୀକ୍ଷା ଆଉ ଅଳ୍ପ ଦିନ ହାତରେ ଥିବାରୁ ପିଲାଙ୍କୁ ପରିବର୍ତ୍ତିତ ଢାଞ୍ଚାକୁ ନେଇ ପ୍ରସ୍ତୁତ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ୟବସ୍ଥା କରିବା ଦରକାର ବୋଲି ମତ ରଖିଛନ୍ତି ଅଭିଭାବକ ସଂଘ। ଯୁକ୍ତ ଦୁଇ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ▶▶ପୃଷ୍ଠା ୭

# ବବିଙ୍କ ଭାଇ ଭବଙ୍କ ନାଁରେ ମାମଲା ରୁଜୁ



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଭାଇ ଭବ ପ୍ରକାଶ ଦାସଙ୍କ ନାଁରେ ଯାଜପୁର ଥାନାରେ ମାମଲା ରୁଜୁ ହୋଇଛି। ଜଣେ ପରିବା ବ୍ୟବସାୟୀଙ୍କୁ ଧମକ ଦେବା, ତାଙ୍କ ପରିବାପତ୍ର ନଷ୍ଟ କରିଦେବା ତଥା ମାଡ଼ ମାରିବା ଅଭିଯୋଗରେ ଭବ ଓ ତାଙ୍କର ୧୭ ଜଣ ସହଯୋଗୀଙ୍କ ନାଁରେ ମାମଲା ରୁଜୁ ହୋଇଛି। ଯାଜପୁର ଥାନା ବାଲିପଦାର ପରିବା ବ୍ୟବସାୟୀ ମଦନ ନାଏକଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରିଛି। ମଦନ ଅଭିଯୋଗ କରିଛନ୍ତି ଯେ, ଗତକାଲି ସକାଳ ପ୍ରାୟ ୮ଟା ବେଳେ ମା' ବିରଜା ହାଟକୁ ସେ ପରିବାପତ୍ର ବିକ୍ରି କରିବାକୁ ଆସିଥିଲେ। ସେ ୧୦ ହଜାର ଟଙ୍କାର ବାଇଗଣ, ଫୁଲକୋବି ଓ ▶▶ପୃଷ୍ଠା ୭

# ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ କିଏ ହାତେଇବ ଶାସନ ଗାଦି ?: ଆଜି ଆସିବ ଫଳାଫଳ



ନୂଆଦିଲ୍ଲୀ, ୨୨/୧୧ : ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ କିଏ ହାତେଇବ ଶାସନ ଗାଦି, କାହା ମୁଣ୍ଡରେ ହାତୀ ଢାଳିବ ସୁନା କଳସ ତାହା କାଲି ସ୍ପଷ୍ଟ ହେବ। କାରଣ ଉଭୟ ରାଜ୍ୟରେ କାଲି ବିଧାନସଭା ନିର୍ବାଚନର ଫଳାଫଳ ଆସିବ। ଏଥିପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାରାଷ୍ଟ୍ରର ୨୮୮ ଆସନ ଭୋଟ୍ ଗ୍ରହଣ ହୋଇଥିବା ବେଳେ ଝାଡଖଣ୍ଡର ୮୧ ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ କରିଛନ୍ତି ଭୋଟର। ମହାରାଷ୍ଟ୍ରରେ ମରାଠି ଅସ୍ମିତା ବନାମ ଧର୍ମ ଯୁଦ୍ଧକୁ ନେଇ ନିର୍ବାଚନ ଲଢାଯାଇଥିବା ବେଳେ ଝାଡ଼ଖଣ୍ଡରେ ଆଦିବାସୀଙ୍କ ହକ, ଅନୁପ୍ରବେଶକୁ ମୁଦ୍ଦା କରି ନିର୍ବାଚନ ଲଢିଥିବା ନେତା ନିର୍ବାଚନୀ ବୈତରଣୀ ପାର୍ ହେବାକୁ ଚାହିଁ ରହିଛନ୍ତି। ଆକଳନ ଅନୁସାରେ, ମହାରାଷ୍ଟ୍ରରେ ▶▶ପୃଷ୍ଠା ୭

# ପୁଲିସ ଦ୍ୱାରା ୧୨୦ କୁଇଣ୍ଟାଲ ଗଞ୍ଜେଇ ଜବତ: ୧୬ ଅଭିଯୁକ୍ତ ଗିରଫ

କୋରାପୁଟ, ୨୨/୧୧ (ନି.ପ୍ର): ଗଞ୍ଜେଇ ଚାଷ ଓ ଚାଲାଣକାରୀଙ୍କ ହବ୍ ଅବିଭକ୍ତ କୋରାପୁଟ ଜିଲ୍ଲା। ବିଭିନ୍ନ ମାଧ୍ୟମ, ପଦ୍ଧତିରେ ଚାଲାଣ ଜାରି ରହିଛି। ସଡ଼କ ପଥରେ ବିଭିନ୍ନ ବସ୍, ଭ୍ୟାନ୍, ଟ୍ରକ୍ ଓ ବାଇକରେ ଚାଲାଣ ବେଳେ ଧରା ପଡୁଥିବାରୁ ନୂଆନୂଆ ପଇଁତରା ମାଫିଆମାନେ ପ୍ରୟୋଗ କରୁଛନ୍ତି। ସଡ଼କ ପଥ ଛାଡ଼ି ଏବେ ରେଳରେ ନାବାଳକ, ଯୁବତୀ ଓ ମହିଳାମାନଙ୍କୁ ଏହି କାମରେ ଏବେ ନିୟୋଜିତ କରୁଛନ୍ତି। କେତେବେଳେ ଖସି ପଳାଇବାକୁ ସମର୍ଥ ହେଉଥିବା ବେଳେ କେତେବେଳେ ▶▶ପୃଷ୍ଠା ୭

# କୁହୁଡ଼ି ନେଇ ୩ ଜିଲ୍ଲାକୁ ସତର୍କ ସୂଚନା

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ରାଜ୍ୟର ୩ ଜିଲ୍ଲା- ସୁନ୍ଦରଗଡ଼, କନ୍ଧମାଳ ଓ କଳାହାଣ୍ଡିରେ ହାଲୁକାର ମଧ୍ୟମ ଧରଣର କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଆଇଏମ୍‌ଡିଠାରୁ ଏହି ସୂଚନା ପାଇବା ପରେ ସ୍ୱତନ୍ତ୍ର ରିଲିଫ କମିଶନର ଏହି ତିନି ଜିଲ୍ଲାର ପୁଲିସ୍ ଓ ପରିବହନ ଅଧିକାରୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। କୁହୁଡ଼ି ସମୟରେ ରାଜପଥଗୁଡ଼ିକରେ ଯେମିତି କୌଣସି ଗାଡ଼ି ଦୁର୍ଘଟଣାଗ୍ରସ୍ତ ନହୁଅନ୍ତି, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଆରସି ▶▶ପୃଷ୍ଠା ୭

# ସୁକମାରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର: ଟଳିଲେ ୧୦ ନକ୍ସଲ

ଛତିଶଗଡ଼, ୨୨/୧୧ ଧୀରେ ଧୀରେ ଭୁଶୁଡ଼ିବାରେ ଲାଗିଛି ନକ୍ସଲଙ୍କ ଗଡ଼। ଛାନିଆ ହୋଇ ପଡ଼ିଲେଣି ଲାଲ୍ ବାହିନୀ। ସୁରକ୍ଷାକର୍ମୀଙ୍କ ଲଗାତାର ଅପରେସନ ଯୋଗୁଁ ଟଳୁଛନ୍ତି ଜଣକ ପରେ ଜଣେ ନକ୍ସଲ। ଗତକାଲି ମାଲକାନଗିରିରେ ଅପରେସନ ପରେ ଆଜି ଛତିଶଗଡ଼ରେ ଲାଲ୍ ବାହିନୀ ଉପରେ ହୋଇଛି ଶକ୍ତ ପ୍ରହାର। ଛତିଶଗଡ଼ର ସୁକମା ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ଆଜି ୧୦ ନକ୍ସଲ ନିପାତ ହୋଇଛନ୍ତି। ଛତିଶଗଡ଼ର ସୁକମା ଜିଲ୍ଲାର ଭେଜ୍ଜି ପୁଲିସ୍ ଷ୍ଟେଶନ ଅଧୀନରେ ଥିବା ଘଞ୍ଚ ଜଙ୍ଗଲରେ ନକ୍ସଲଙ୍କ ଶିବିର ଥିବା ବେଳେ ସେଥିରେ ୩୦ରୁ ଅଧିକ ନକ୍ସଲ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ବସ୍ତର ଆଇଜିଙ୍କ ନିର୍ଦ୍ଦେଶକ୍ରମେ ସୁକମା ଏସ୍‌ପିଙ୍କ ନେତୃତ୍ୱରେ ଆଜି ସକାଳେ ସର୍ଚ୍ଚ ଅପରେସେନ ଓ କୁମ୍ବିଂ ଅପରେସନ ଆରମ୍ଭ ହୋଇଥିଲା। ଏହି ଅପରେସନରେ ପ୍ରାୟ ଶହେରୁ ଅଧିକ ଯବାନ ▶▶ପୃଷ୍ଠା ୭

# ବରଗଡ଼ ଧନୁଯାତ୍ରା: କଂସ ଭୂମିକାରେ ଅଭିନୟ କରିପାରିବେ ନାହିଁ ହୃଷିକେଶ ଭୋଇ, ବଛାଯିବେ ନୂଆ କଳାକାର



ବରଗଡ଼ , ୨୨/୧୧ (ନି.ପ୍ର): ବରଗଡ଼ ଧନୁଯାତ୍ରା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆଜି ବସିଥିଲା ପ୍ରସ୍ତୁତି ବୈଠକ। ଆଉ ବୈଠକରେ ସର୍ବସମ୍ମତିକ୍ରମେ ନିଆଗଲା ବଡ଼ ନିଷ୍ପତ୍ତି। ହୃଷିକେଷ ଭୋଇ ହେବେନି ମହାରାଜ କଂସ। ଏଥର ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିବେ ଜଣେ ନୂଆ କଳାକାର। କଂସ ଭୂମିକାରେ ଅଭିନୟ କରି ସୁନାମ ଅର୍ଜି ଥିବା ହୃଷିକେଶ ଭୋଇ ଜଣେ ସରକାରୀ କର୍ମଚାରୀ। ସେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ିର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଗତ ଅକ୍ଟୋବର ମାସରେ ସେ ଗାଇସିଲାଟ ବ୍ଲକର ଏକ ଗାଁକୁ ମୃତଦେହ ନେଇ ଯାଇଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କୁ ୩ ହଜାର ଟଙ୍କା ମାଗିଥିଲେ। ମୃତକଙ୍କ ପରିବାର ଲୋକେ ତାଙ୍କୁ ୩ ହଜାର ଟଙ୍କା ଦେଇଥିଲେ ଓ ଏନେଇ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ▶▶ପୃଷ୍ଠା ୭

# ସିରିଆରେ ଇସ୍ରାଏଲ ଆକ୍ରମଣ: ୬୮ ଇରାନ ସମର୍ଥିତ ଆତଙ୍କବାଦୀ ନିହତ



ନୂଆଦିଲ୍ଲୀ, ୨୨/୧୧ : ସିରିଆର ପାଲମିରା ସହର ଉପରେ ଇସ୍ରାଏଲର ବିମାନ ଆକ୍ରମଣରେ ୬୮ ଜଣ ଇରାନ ସମର୍ଥକ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ଆତଙ୍କବାଦୀଙ୍କ ମଧ୍ୟରେ ଇରାନ ସମର୍ଥକ ସିରିଆ ଗୋଷ୍ଠୀର ୪୨ ଜଣ, ୨୬ ଜଣ ବିଦେଶୀ (ଅଧିକାଂଶ ଇରାକୀ ଅଲ-ନୁଜାବା ଆନ୍ଦୋଳନରେ ସାମିଲ ଥିଲେ) ଏବଂ ଲେବାନନର ହେଜବୁଲ୍ଲା ସଶସ୍ତ୍ର ଗୋଷ୍ଠୀର ୪ ଜଣ ଆତଙ୍କବାଦୀ ଅଛନ୍ତି। ବ୍ରିଟେନ୍ ସ୍ଥିତ ସିରିଆନ୍ ଅବଜର୍ଭେଟୋରି ଫର୍ ହ୍ୟୁମାନ ରାଇଟ୍ସ ୱାର୍ ମନିଟର୍ସର ସୂଚନା ଅନୁସାରେ ଏହା ପୂର୍ବରୁ ବୁଧବାର ପୂର୍ବ ସିରିଆରେ ଆମେରିକାର ଏୟାର୍ ଷ୍ଟ୍ରାଇକ୍‌ରେ ୫ ଜଣ ଉଗ୍ରବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ଆମେରିକାର ଯୁଦ୍ଧ ବିମାନ ଡେୟର୍ ଏଜ୍-ଜୋର ପ୍ରଦେଶର ଅଲ୍-କୁରିୟାହ ମରୁଭୂମିରେ ସାମରିକ ନିର୍ମାଣକୁ ଟାର୍ଗେଟ କରିଛି। ଅଲ୍-ହାସାକା ପ୍ରଦେଶରେ ଥିବା ଏକ ଆମେରିକୀୟ ଘାଟି ନିକଟରେ ଇରାନ ସମର୍ଥକ ଆତଙ୍କବାଦୀଙ୍କ ଦ୍ୱାରା ରକେଟ୍ ମାଡ଼ ହେବା ପରେ ଏହି ଆକ୍ରମଣ ହୋଇଛି। ଯୁଦ୍ଧ ଅପରାଧ ଓ ମାନବିକତା ବିରୋଧୀ ଅପରାଧ ଅଭିଯୋଗରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ ଏବଂ ଆତଙ୍କବାଦୀ ସଂଗଠନ ହମାସ୍‌ର ନେତା ମହମ୍ମଦ ଦିୟାବ ଇବ୍ରାହିମ୍ ଅଲ୍-ମସରି ବିରୋଧରେ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ଗୁରୁବାର ଗିରଫ ପରୱାନା ଜାରି କରିଛନ୍ତି। ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ୍ ଆକ୍ରମଣ ଏବଂ ଏହାପରେ ଇସ୍ରାଏଲ ଗାଜାରେ ଚଳାଇଥିବା ଧ୍ୱଂସଲୀଳା ମାମଲାରେ ଶୁଣାଣି କରି ଆଇସିସି ନେତାନ୍ୟାହୁ ଓ ଅନ୍ୟମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ କେତେକ ପଦକ୍ଷେପ ଯୋଗୁଁ ଗାଜାରେ ▶▶ପୃଷ୍ଠା ୭

# ବିଶ୍ୱ ବ୍ୟାଙ୍କର 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍' ରିପୋର୍ଟ ଉନ୍ମୋଚିତ

## ଚାକିରି ଏବଂ ରୋଜଗାରର ପରିଭାଷାକୁ ବ୍ୟାପକ କରିବାକୁ ହେବ: ଧର୍ମେନ୍ଦ୍ର




ନୂଆଦିଲ୍ଲୀ, ୨୨/୧୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ, ନିଯୁକ୍ତି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟଙ୍କ ସହ ୬ଟି ରାଜ୍ୟର ଯୁବବର୍ଗଙ୍କ ପାଇଁ 'ଜବ୍ସ ଆଟ୍ ୟୋର୍ ଡୋର୍ ଷ୍ଟେପ୍ : ଏ ଜବ୍ସ ଡାଇଗ୍ନୋଷ୍ଟିକ୍ସ ଫର୍ ୟଙ୍ଗ୍ ପିପୁଲ ଅନ୍ ସିକ୍ସ ଷ୍ଟେଟ୍ସ' ଶୀର୍ଷକ ଏକ ରିପୋର୍ଟ ଉନ୍ମୋଚନ କରିଛନ୍ତି। ଏହି ୬ଟି ରାଜ୍ୟ ହେଲା ଓଡ଼ିଶା, ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ। ଏହି ରିପୋର୍ଟ ଉପରୋକ୍ତ ୬ଟି ରାଜ୍ୟର ଚାକିରି ଅନ୍ୱେଷଣ କରିବା ସହ ମାଧ୍ୟମିକ ବିଦ୍ୟାଳୟରୁ ସ୍ନାତକ ହାସଲ କରିଥିବା ଯୁବକମାନଙ୍କ ପାଇଁ ସର୍ବୋତ୍ତମ ନିଯୁକ୍ତି ସୁଯୋଗ ପ୍ରଦାନ କରୁଥିବା ପ୍ରମୁଖ ପ୍ରାଥମିକତା କ୍ଷେତ୍ରକୁ ଚିହ୍ନଟ କରିବ। ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ୬ଟି ରାଜ୍ୟ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପାଇଁ ବିଶ୍ୱବ୍ୟାଙ୍କ୍ ଟିମକୁ ପ୍ରଶଂସା କରିବା ସହ ବିଶ୍ୱବ୍ୟାଙ୍କ ଟିମକୁ ସର୍ବଭାରତୀୟ ଫ୍ରେମୱାର୍କ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଏହି ରିପୋର୍ଟ ଦକ୍ଷତା ଏବଂ ନିଯୁକ୍ତି ଉପରେ ଷ୍ଟେକହୋଲ୍ଡରମାନଙ୍କୁ ନୂତନ ଢାଞ୍ଚା ସୃଷ୍ଟି କରିବାରେ ସକ୍ଷମ କରିବ ଏବଂ ଆମ ଜନସଂଖ୍ୟାକୁ ସଶକ୍ତ କରିବା ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳନ

ଭାବନୀପାଟଣା , ୨୨/୧୧ (ନି.ପ୍ର): ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଟାଉନ ହଲ ଠାରେ ଗିରିଶ ଚନ୍ଦ୍ର ବେହେରା, ସଭାପତି, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଙ୍କ ପୌରହିତ୍ୟରେ ମହାସମାରୋହରେ ପାଳନ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ଧର୍ମଗଡ, ସୁଧୀର ରଂଜନ ପଟ୍ଟଯୋଶୀ, ମାନ୍ୟବର ବିଧାୟକ ଜୁନାଗଡ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଅଧ୍ୟକ୍ଷ୍ୟ ଜିଲ୍ଲା ପରିଷଦ କଳାହାଣ୍ଡି, ପୁଷ୍ପେନ୍ଦ୍ର ସିଂଦେଓ, ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି, ତନ୍ମୟ କୁମାର ଦରୱାନ ଯୋଗଦାନ କରି ସମବାୟ ସପ୍ତାହ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।ସମବାୟ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଉପନିବନ୍ଧକ ସମବାୟ ସମିତି କଳାହାଣ୍ଡି, ପ୍ରମୋଦ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ନିବନ୍ଧକ ଭବାନୀପାଟଣା ଓ ଧର୍ମଗଡ ମଧୁସୂଦନ ମେହେର, ଥିଓପିଲ ଶବର ତଥା ଜିଲ୍ଲା ସମବାୟ ସମୀକ୍ଷା ଅଧିକାରୀ ବିଶ୍ୱମୋହନ ରଥ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି, ନିର୍ଦ୍ଦେଶକ ବୃନ୍ଦ ତଥା ପ୍ୟାକ୍ସ ର ସଭାପତି ଓ ନିର୍ଦ୍ଦେଶକ ଗଣ ଉପସ୍ଥିତ ଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ସମବାୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଓ ଜିଲ୍ଲାର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ସମବାୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ରୂପ କେଶରୀ ଦଳାଇ ମଂଚ ପରିଚାଳନା କରିଥିବାବେଳେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ର ସମବାୟ ବ୍ୟାଙ୍କ, ଭବାନୀପାଟଣା ବନଲତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗ, ସମବାୟ ବ୍ୟାଙ୍କ ଓ ନିୟନ୍ତ୍ରିତ ବଜାର କମିଟି ଭବାନୀପାଟଣା ଓ କେସିଙ୍ଗା, ଜୁନାଗଡ ଓ ମୁଖିଗୁଡା କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସେବା ନିବୃତିକାଳୀନ ସମ୍ବର୍ଦ୍ଧନା ସମାରୋହ

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡିସ୍ଥିତ ସିଦ୍ଧ ମହାପୁରୁଷ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରବୀଣ ସଂସ୍କୃତ ଶିକ୍ଷକ ତଥା ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ(ଓଷ୍ଟା) କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ଭଗବାନ ସାହୁଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ସେବା ନିବୃତିକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ସିଦ୍ଧ ମହାପୁରୁଷ ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ଏବଂ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ମିଳିତ ସହଭାଗୀତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ପ୍ରଧାନ ଶିକ୍ଷକ ଧୀର ପ୍ରସାଦ ପରିଡ଼ା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମହାକାଳପଡା ମଣ୍ଡଳ ଶିକ୍ଷାଧିକାରୀ ତନ୍ମୟ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଅକ୍ଷୟ କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, କେନ୍ଦ୍ରାପଡାର ପ୍ରାକ୍ତନ ସମ୍ପାଦକ ତପନ କୁମାର ସିଂହ, ପ୍ରାକ୍ତନ ସଭାପତି ପ୍ରମୋଦ କୁମାର ବେହେରା, ପ୍ରାକ୍ତନ ସମ୍ପାଦକ ନିର୍ମଳ କୁମାର ନାୟକ, ସବାପତି ଅଶୋକ କୁମାର ପରିଡା, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସଭାପତି ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, କୁହୁଡି ଗ୍ରାମପଂଚାୟତ ସରପଂଚ ପ୍ରଭାତ ରଞ୍ଜନ ଦାସ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ମାର୍ଶାଘାଇ ବ୍ଲକ ସଭାପତି ନାରାୟଣ ପ୍ରସାଦ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଶ୍ରୀ ସାହୁଙ୍କ ୩୮ ବର୍ଷର ଶିକ୍ଷକତା ଜୀବନ ତ୍ୟାଗଯୁତ ଜୀବନାଦର୍ଶ ସାଂଗଠନିକ ଦକ୍ଷତା ତୁଙ୍ଗ ବ୍ୟକ୍ତିତ୍ୱ ଉପରେ ଆଲୋକପାଥ କରିଥିଲେ । ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ଓଷ୍ଟାର ମାର୍ଶାଘାଇ ବ୍ଲକ ସମ୍ପାଦକ ପ୍ରସନ୍ନ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷାବିତ୍ ସର୍ବେଶ୍ୱର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ସାହୁଙ୍କର ଜୀବନ ଦର୍ଶନ ଆଧାରିତ ଏକ ଅଭିନନ୍ଦନିକା ପତ୍ରିକା 'ଦିବ୍ୟାୟନ ଭଗବାନ'ଙ୍କୁ ଅତିଥିମାନେ ଶୁଭ ଉନ୍ମୋଚନ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା ବିଭିନ୍ନ ବ୍ଲକର ଶିକ୍ଷକ ସଂଘ ବିଦ୍ୟାଳୟ ପ୍ରାକ୍ତନ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଶୁଭେଚ୍ଛୁଙ୍କ ପକ୍ଷରୁ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବଲାଙ୍ଗିର

ବଲାଙ୍ଗିର, ୨୨/୧୧ (ନି.ପ୍ର): ଖୁଜେନପାଲି ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ସଭାପତି ଡ. ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ନୂଆଁଖାଇ ଭେଟ ୨୦୨୪ ପରିବାର ମିଳନ କାର୍ଯ୍ୟକ୍ରମ ବିକ୍ରମାନନ୍ଦ ବହିଦାର, ମୁଖ୍ୟ ଉପଦେଷ୍ଟା ଶୁଭାରମ୍ଭ କରିଥିଲେ । ସଂଘର ସଂପାଦକ ବସନ୍ତ ଆଚାର ?ୟ ଉକ୍ତ ଉତ୍ସବ ସମ୍ବନ୍ଧେ ସମସ୍ତ ପରିବାର ବର୍ଗଙ୍କୁ ସ୍ୱାଗତ କରି ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ସଂଘର ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା ଙ୍କୁ ମଂଚ ପରିଚାଳନା କରିବାକୁ ଆହ୍ୱାନ କରିଥିଲେ । ମଂଚରେ ଉପସ୍ଥିତ ଥିବା ଅତିଥିମାନଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟ ଉପଦେଷ୍ଟା ଶ୍ରୀ ବହିଦାର ଙ୍କ ଅଭିଭାଷଣ ପରେ ଶ୍ରୀ ପଣ୍ଡା ମୁଖ୍ୟବକ୍ତା ଜଗଦାନନ୍ଦ ଛୁରିଆ ଏବଂ କବିରାଜ ଭୋଇ, ଅଧକ୍ଷ ସାହାଜବାହାଲ ଡିଗ୍ରୀ କଲେଜ ଆମନ୍ତ୍ରଣ କରି ନିଜର ବକ୍ତବ୍ୟ ରଖିବାକୁ ଅନୁରୋଧ କରିଥିଲେ । ବକ୍ତବ୍ୟରେ ଉଭୟ ବକ୍ତା ପବିତ୍ର ନୂଆଁଖାଇ ଉତ୍ସବର ମହତ୍ୱ, ପାରମ୍ପରିକ ସଂସ୍କୃତି, ମୈତ୍ରୀ ଓ ଭାଇଚାରା ଉପରେ ଚାଂଚଲ୍ୟକର ବୟାନ ଦେଇ ବରିଷ୍ଠ ନାଗରିକମାନଙ୍କ ଜୀବନ ଓ ଶୈଳୀ ଉପରେ ଯତ୍ନବାନ ହୋଇ ସମାଜ ପାଇଁ କିଛି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ଅମିଅ ନାଗ ତାଙ୍କ ଭାଷଣ ରେ ବରିଷ୍ଟ ରେ ବରିଷ୍ଠ ନାଗରିକମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ଅଭିଭାଷଣ ରଖିଥିଲେ । ଉକ୍ତ ଉତ୍ସବରେ ଅନେକ ପ୍ରାନ୍ତରୁ ସଭ୍ୟ, ସଭ୍ୟ, ଅତିଥିଗଣ ଆସି ଯୋଗ ଦେଇ ଉତ୍ସବକୁ ସଫଳ କରିଥିବାରୁ ଶିବ ଶଙ୍କର ଖୁଆସ, ହରେକୃଷ୍ଣ ମେହେର, ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସମାପ୍ତି ହୋଇଥିଲା ।

# ହରପାର୍ବତୀ ଭସାଣୀ ଉତ୍ସବ ମହାସମାରୋହରେ ପାଳିତ

ଧର୍ମଶାଳା, ୨୨/୧୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ମହିମାଛକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନେତାଜୀ ସୁବାସ ବୋଷ ୟୁଥ୍ କ୍ଲବର ୩୩ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ହୋଇଥିବା ହରପାର୍ବତୀ ଭଷାଣୀ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । କାର୍ତିକ ପୂର୍ଣ୍ଣମୀଠାରୁ ଏହା ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ । ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମୁଖ୍ୟ କର୍ତା ସନାତନ ମଣ୍ଡଳଙ୍କ ତତ୍ୱଧାନରେ ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ପରେ ନିତିକାନ୍ତି ଅନୁଯାୟୀ ମଣ୍ଡପରେ ହରପାର୍ବତୀ ପୂଜା ପାଇ ଆସୁଥିଲେ । ବିଭିନ୍ନ ଦିବସମାନଙ୍କରେ ସିନେ ତାରକାଙ୍କ ସମେତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମହା ସମାରୋହରେ ଭସାଣୀ ଯାତ୍ର ଅନୁଷ୍ଠିତ ହୋଇଥିଲା । ହରପାର୍ବତୀଙ୍କୁ ସୁସଜ୍ଜିତ କରାଯାଇ ବ୍ରହ୍ମବରଦାର ବିଭିନ୍ନ ଅଂଚଳ ପପରିକ୍ରମା ପରେ ପାଣିରେ ବିସର୍ଜନ କରାଯାଇଥିଲା । ଭସାଣୀ ସମୟରେ ଜିଲା ତଥା ଜିଲା ବାହାରୁ ବହୁ ବିଭିନ୍ନ ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ । କ୍ଲବର ସଭାପତି ଅରୁଣ କୁମାର ବେହେରା,ସମ୍ପାଦକ ସୁଦର୍ଶନ ପାଢୀ,କୋଷାଧ୍ୟକ୍ଷ ସୁନିଲ କୁମାର ବେହେରା,ପ୍ରଶାନ୍ତ ରାଉତ,ସଭ୍ୟ ଅକ୍ଷୟ ଗିରି,ସୁଧାଂଶୁ ମଣ୍ଡଳ,ସଚ୍ଚିନ ଗିରି,ଦେବୀ ପ୍ରସାଦ ମଣ୍ଡଳ,ଅଜୟ ଗିରି,ଅଶୋକ ସାହୁ,ବିଚିତ୍ର ଗିରି ,ସୋନୁ ସାହୁ ଓ ଟନି ବେହେରାଙ୍କଙ୍କ ସହ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆଇଏଫଏଫଆଇରେ ପ୍ରସାର ଭାରତୀର ଓଟିଟି ପ୍ଲାଟଫର୍ମ 'ୱେଭ୍ସ' ଲଂଚ

ନୂଆଦିଲ୍ଲୀ, ୨୨/୧୧ (ନି.ପ୍ର): ଦେଶର ପ୍ରତିଷ୍ଠିତ ସାର୍ବଜନୀନ ପ୍ରସାରକ ଦୂରଦର୍ଶନ ଡିଜିଟାଲ ଷ୍ଟ୍ରିମିଂ ସେବାର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଓଟିଟି ପ୍ଲାଟଫର୍ମରେ ପାଦ ରଖିଛି । ଗୋଆର ମୁଖ୍ୟମନ୍ତ୍ରୀ ଡ.ପ୍ରମୋଦ ସାୱନ୍ତ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଗୋଆରେ ୫୫ତମ ଭାରତୀୟ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବର ଉଦଘାଟନ ସମାରୋହରେ ଜାତୀୟ ସାର୍ବଜନୀନ ପ୍ରସାରକ, ପ୍ରସାର ଭାରତୀର ଓଟିଟି ପ୍ଲାଟଫର୍ମ 'ୱେଭ୍ସ' ଲଂଚ କରିଛନ୍ତି । ଏହି ଅବସରରେ ସୂଚନା ଏବଂ ପ୍ରସାରଣ ସଚିବ ସଂଜୟ ଜାଜୁଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବି ଉପସ୍ଥିତ ଥିଲେ । ଓଟିଟିର ଲକ୍ଷ୍ୟ କ୍ଲାସିକ ସାମଗ୍ରୀ ଓ ସମକାଳୀନ ପ୍ରୋଗ୍ରାମିଂର ଏକ ସମୃଦ୍ଧ ମିଶ୍ରଣ ଉପସ୍ଥାପିତ କରି ଆଧୁନିକ ଡିଜିଟାଲ ଟ୍ରେଣ୍ଡକୁ ଆପଣାଇ ପୁରୁଣା ସ୍ମୃତିକୁ ପୁନର୍ଜୀବିତ କରିବା । ରାମାୟଣ, ମହାଭାରତ, ଶକ୍ତିମାନ ଓ ହମ୍ ଲୋକ ପରି ଧାରାବାହିକର ଲାଇବ୍ରେରୀ ସହିତ, ଏହି ମଂଚ ଭାରତର ଅତୀତ ସହିତ ସାଂସ୍କୃତି ଓ ଭାବନାତ୍ମକ ସଂପର୍କକୁ ଖୋଜୁଥିବା ଦର୍ଶକଙ୍କୁ ଆକର୍ଷିତ କରିଥାଏ । ଏହା ବ୍ୟତୀତ ଏହା ସମାଚାର, ବୃତିଚିତ୍ର ଓ ଆଂଚଳିକ ସାମଗ୍ରୀପ୍ରଦାନ କରିଥାଏ, ଯାହା ସମାବେଶିତା ଓ ବିବିଧତା ପ୍ରତି ନିଜ ପ୍ରତିବଦ୍ଧତାକୁ ମଜବୁତ କରିଥାଏ । ନିଜ ଦଶନ୍ଧିର ପୁରୁଣା ଐତିହ୍ୟ ଓ ରାଷ୍ଟ୍ରୀୟ ବିଶ୍ୱାସର ଲାଭ ଉଠାଇ, ଦୂରଦର୍ଶନର ଓଟିଟି ପ୍ଲାଟଫର୍ମ ପାରମ୍ପରିକ ଟେଲିଭିଜନ ଓ ଆଧୁନିକ ଷ୍ଟ୍ରିମିଂ ମଧ୍ୟରେ ଅନ୍ତରକୁ ଶେଷ କରିଥାଏ, ଟେକ୍ନିକାଲ ପ୍ରେମୀ ଯୁବକ ଓ ପୁରୁଣା ପିଢି ନିକଟରେ ଏହା ସମାନ ଭାବେ ପହଂଚିଥାଏ ।ୱେଭ୍ସ ୧୨ରୁ ଅଧିକ ଭାଷାରେ ଉପଲବ୍ଧ, ଯେଉଁଥିରେ ହିନ୍ଦୀ, ଇଂରାଜୀ, ବଙ୍ଗାଳୀ, ମରାଠୀ, କନ୍ନଡ, ମାଲାୟଲମ, ତେଲୁଗୁ, ତାମିଲ, ଗୁଜରାଟି, ପଂଜାବୀ ଓ ଆସାମୀ ସାମିଲ ରହିଛି । ଏହା ଇନଫୋଟେନମେଂଟର ୧୦ ଶୈଳୀରେ ଉପଲବ୍ଧ ହେବ । ଏହି ଭିଡିଓ ଅନ୍ ଡିମାଣ୍ଡ, ଫ୍ରି-ଟୁ-ପ୍ଲେ ଗେମିଂ, ରେଡିଓ ଷ୍ଟ୍ରିମିଂ, ଲାଇଭ ଟିଭି ଷ୍ଟ୍ରିମିଂ, ୬୫ ଲାଇଭ ଚ୍ୟାନେଲ, ଭିଡିଓ ଓ ଗେମିଂ ସାମଗ୍ରୀ ପାଇଁ ଅନେକ ଆପ ଇନ୍ ଆପ ଇଂଟିଗ୍ରେସନ ଓ ଅନଲାଇନ ସପିଂ ପ୍ରଦାନ କରିବ । ୱେଭ୍ସରେ ୧୯୮୦ ଦଶକରେ ଶାହରୁଖଙ୍କ ପ୍ରସିଦ୍ଧ ଧାରାବାହିକ ଫୌଜିର ଆଧୁନିକ ରୂପାନ୍ତରଣ ଫୌଜି ୨.୦, ଓସ୍କାର ବିଜେତା ଗୁନିତ ମୋଂଗା କପୁରଙ୍କ କିକିଂଗ ବଲ୍ସ, ଏକ କ୍ରାଇମ ଥ୍ରିଲର ଜ୍ୟାକସନ ହଲ୍ଟ ଓ ମୋବାଇଲ ଟଏଲେଟ ଉପରେ ଆଧାରିତ ଜାଇଏ ଆପ କାହା ଜାଏଙ୍ଗେ ପ୍ରସାରିତ ହେବ । ୱେଭ୍ସରେ ଅଯୋଧ୍ୟାରୁ ପ୍ରଭୁ ଶ୍ରୀରାମ ଲଲାଙ୍କ ଆରତୀ ଲାଇଭ ଓ ପିଏମ ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ କୀ ବାତ ପରି ଲାଇଭ କାର୍ଯ୍ୟକ୍ରମ ରହିଛି ।

# କର୍ମଚାରୀଙ୍କ ମନମାନୀରେ ଚାଲିଛି ପୁରୀ ରକ୍ତଭଣ୍ଡାର: ଶିବିରରେ ଯୋଗ ଦେବାକୁ ନେଇ ପାତରଅନ୍ତର

ପୁରୀ, ୨୨/୧୧ (ନି.ପ୍ର): ରକ୍ତଦାନ ମହାପୂଣ୍ୟ । ଏଥିପାଇଁ ରକ୍ତଦାତା ମାନେ ଉତ୍ସାହିତ ହୋଇ ରକ୍ତଦାନ ଶିବିରରେ ରକ୍ତଦାନ କରୁଛନ୍ତି । ପୁରୀରେ ଅନେକ ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି । ସବୁଠାରୁ ବିଡମ୍ବନାର ବିଷୟ, ପୁରୀ ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ଦାୟୀତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ମନମାନୀ ଓ ପାତରଅନ୍ତର ନୀତି ଯୋଗୁ କେତେକ ଅନୁଷ୍ଠାନକୁ ସହଯୋଗ କରୁନଥିବା ଅଭିଯୋଗ ହେଉଛି । ପୁରୀର ଲୋକପ୍ରିୟ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ନଭେମ୍ବର ୧୭ ତାରିଖ ଦିନ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଏହାର ବହୁ ପୂର୍ବରୁ କର୍ମକର୍ତାଙ୍କୁ ଚିଠି ଦ୍ୱାରା ଜଣାଇଥିଲେ । ରକ୍ତଦାନ ଶିବିରର ଯୋଗଦେବା ପାଇଁ ଦାୟୀତ୍ୱରେ ଥିବା କର୍ମଚାରୀ ନାୟକ ବାବୁ ଓ ସ୍ୱାଇଁ ମ୍ୟାଡମ ଶିବିର ଯୋଗଦେବେ ନାହିଁ ବୋଲି ଅନୁଷ୍ଠାନ ସମ୍ପାଦିକା ନିହାରିକା ତ୍ରିପାଠୀଙ୍କୁ ମନା କରିଦେଇଥିଲେ । ଅନ୍ୟପକ୍ଷରେ ନଭେମ୍ବର ମାସ ୧୪, ୧୬ ଓ ୨୦ ତାରିଖରେ ରକ୍ତଦାନ ଶିବିରରେ କର୍ମଚାରୀଙ୍କ ଯୋଗଦାନ ଯୋଗୁ ଅନୁଷ୍ଠାନ ଆଶ୍ଚର୍ଯ୍ୟ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ କଟକ ସେଂଟ୍ରାଲ ରେଡକ୍ରସକୁ ଜଣାଇବାରେ ସେମାନେ ଶିବିରରେ ଯୋଗ ଦେଇଥିଲେ । ପୁରୀରେ ଶିବିର ହେଉଥିଲେ ମଧ୍ୟ ପୁରୀ ରକ୍ତ ଭଣ୍ଡାର କର୍ମଚାରୀ ଯୋଗ ନଦେବାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତବର୍ଷ ମଧ୍ୟ ଏହି ଅନୁଷ୍ଠାନର ରକ୍ତଦାନ ଶିବିରରେ ପୁରୀ ରକ୍ତ ଭଣ୍ଡାର କର୍ମଚାରୀ ମାନେ ଯୋଗ ଦେଇନଥିଲେ । ରକ୍ତଦାନ ଶିବିର ଯେତିକି ରକ୍ତ ସଂଗ୍ରହ ହେଉଛି ତାହା ଖବର କାଗଜରେ ପ୍ରକାଶ ପାଉଥିଲେ ମଧ୍ୟ ତାହା ଠାରୁ କମ୍ ୟୁନିଟ ରକ୍ତ ଭଣ୍ଡାରରେ ଗ୍ରହଣ କରାଯାଉଥିବା ଅଭିଯୋଗ ହେଉଛି । ଯେଉଁ ଅନୁଷ୍ଠାନ ନାମୀଦାମୀ ହୋଟେଲରେ ଖାଇବାକୁ ଦେଇ ପକେଟ ଗରମ କରୁଛନ୍ତି ସେହି ଅନୁଷ୍ଠାନର ଶିବିରରେ କର୍ମଚାରୀ ଯୋଗ ଦେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ରକ୍ତ ଭଣ୍ଡାରର ଉଚ୍ଚ ଅଧିକାରୀ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବ ଓ ଜନପ୍ରିୟ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# କନ୍ଧମାଳ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ-୨୦୨୪ ପାଳିତ

କନ୍ଧମାଳ, ୨୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ-୨୦୨୪ ପାଳିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ପ୍ରଫୁଲ୍ଲ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ବିଧାୟକ, ଫୁଲବାଣୀ ଶ୍ରୀଯୁକ୍ତ ଗୋକୁଳନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସଂଜୀବ କୁମାର ପଟେଲ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ବିଭାଗ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀଶ୍ରୀ କହଁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଜିଲ୍ଲାର ୧୨ ଗୋଟି ବ୍ଲକରୁ ୭୦ ଜଣ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଯାଆଁଳ ଉତ୍ପାଦନକାରୀ,ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନ ଙ୍କ ସମେତ ବ୍ଲକର ସମସ୍ତ ସହକାରୀ ମତ୍ସ୍ୟ ଅଧିକାରୀର ମାନେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ନନ୍ଦୀ ଚାଷୀ ମାନଙ୍କୁ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନାରୁ ଫାଇଦା ଉଠାଇବା ପାଇଁ ପ୍ରବର୍ତାଇ ଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରାଣୀ ବିଭାଗ ଯୋଜନା ଗୁଡିକ ଅବଗତ କରାଇଥିବା ବେଳେ ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ କ୍ଷେତ ପୋଖରୀରେ ମତ୍ସ୍ୟ ବିଭାଗ ସହାୟତାରେ ମାଛ ଚାଷ କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ମତ୍ସ୍ୟ ଚାଷୀଙ୍କୁ ଉତ୍ସାହିତ କରିଥିଲେ । ଏହି ଦିବସରେ ୨ ଜଣ ସଫଳ ମତ୍ସ୍ୟ ଚାଷୀ, ୧ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ୭ ଜଣ ମତ୍ସ୍ୟ ଚାଷୀଙ୍କୁ ମତ୍ସ୍ୟ ବିପଣନ ନିମନ୍ତେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନା ଅନ୍ତର୍ଗତ ଅଟୋ ସହିତ ବରଫ ବାକ୍ସ ବିତରଣ କରାଯାଇଥିଲା । ସହକାରୀ ମତ୍ସ୍ୟ ଅଧିକାରୀ, ରାଇକିଆ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ, କ. ନୂଆଗାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

ଧର୍ମଶାଳା, ୨୨/୧୧ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ ନୀଳକଣ୍ଠପୁର କ୍ଲଷ୍ଟର ଅନ୍ତର୍ଗତ ସାନବାଗସାହି ପ୍ରାଥମିକ ଓ ମା ଜାଡେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅବଦୁଲ ରସିଦ୍ ଖାଁନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିଶୁ ଅଧିକାର କର୍ମୀ ମଂଟୁ ଦାସ, ସାମାଜିକ କର୍ମୀ ବୈକୁଣ୍ଠ ନାଥ ଜେନା,କଳାକାର ଭିକାରୀ ଚରଣ ଦାସ, ସୁବାସ ବିଶ୍ୱାଳ, ଉପେନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁଳମଣୀ ବଳ, ବିରେନ ସାମଲ, ପ୍ରଧାନଶିକ୍ଷକ ବ୍ରଜ ମୋହନ ମହାନ୍ତି, ଚିତ ରଂଜନ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତ ରହିଥିଲେ । ଏହି ଅବସରରେ ଅତିଥିମାନେ ଦୁଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ନୂତନ ପୋଷାକ ବଂଟନ କରିଥିଲେ ।

# ଉତ୍କଳ କଳା ଓ ସାଂସ୍କୃତିକ ଅଙ୍ଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗୀତା

ଜୟପୁର, ୨୨/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଲୋକ ସମ୍ପସଦର ଉତ୍କଳ କଳା ଓ ସାଂସ୍କୃତିକ ଅଙ୍ଗ ପକ୍ଷରୁ ୩ଟି ବ୍ଲକରେ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷା ତପସ୍ୱିନୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗୀତାରେ ସ୍ୱାମୀ ବିବେକନନ୍ଦ ଲୋକ ସମ୍ପସଦର ସଭାପତି ଅମୁଲ୍ୟ ରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ । ସେହିପରି କୁନ୍ଦ୍ରା ବ୍ଲକ ଠାରେ ବିବେକାନନ୍ଦ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ସୂର୍ଯ୍ୟନାରାୟଣ ଆଚାର୍ଯ୍ୟଙ୍କ ତତ୍ୱାବଧାନରେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗ କ୍ରମେ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ସେହିପରି ବିଜ୍ଞାନ ଇଂଟର ନ୍ୟାସନାଲ ବିଦ୍ୟାଳୟଠାରେ ପ୍ରଥମରୁ ୫ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୦ ଜଣ ଏବଂ ଷଷ୍ଠ ରୁ ଦଶମ ପର୍ଯ୍ୟନ୍ତ ମୋଟ ୧୦୨ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ଏହି ପ୍ରତିଯୋଗୀତାରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ସ୍ୱାମୀ ବିବେକାନନ୍ଦ ଲୋକ ସମ୍ପସଦର ସମସ୍ତ ସଦସ୍ୟ ସହଯୋଗ କରିବା ସହ ବିଦ୍ୟାଳୟର ସକ୍ରିୟ ସଦସ୍ୟ ଭାବରେ ମନୋରଞ୍ଜନ ପ୍ରଧାନ ଏବଂ ଡ. ପ୍ରଦୀପ ମିଶ୍ରଙ୍କ ସହଯୋଗ କ୍ରମେ ୩ଟି ବ୍ଲକରେ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି ଏବଂ ଏଥିରେ ଯେଉଁ ଛାତ୍ରଛାତ୍ରୀ ମାନେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାମୀଜିଙ୍କ ଜନ୍ମ ତିଥି ଆସନ୍ତା ଜାନୁଆରୀ ୧୨ ତାରିଖରେ ପୁରସ୍କୃତ କରାଯିବ । କାର୍ଯ୍ୟକ୍ରମକୁ ସର୍ବେଶ୍ୱର ପ୍ରଧାନ ପରିଚାଳନା କରିଥିଲେ ।

# ସମ୍ବଲପୁରର ୪ ମେଧାବୀ ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତା ପାଇଁ ମନୋନୀତ

ସମ୍ବଲପୁର, ୨୨/୧୧ (ନି.ପ୍ର): ସମ୍ବଲପୁରର ଐତିହାସିକ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଦଶମ ଶ୍ରେଣୀର ଛାତ୍ର ସ୍ୱସ୍ତିକ ସ୍ୱରୂପ ମେହେର ୬୮ ତମ ୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ୍ ସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି, ଯାହାକି ମଧ୍ୟପ୍ରଦେଶର ନରସିଂହପୁର ଅନ୍ତର୍ଗତ ଗଦରୱାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ନଭେମ୍ବର ୧୬ ତାରିଖରୁ ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଛି । ନବମ ଶ୍ରେଣୀର ଛାତ୍ର ମୁକୁନ୍ଦ ବେରିହା ୧୪ ବର୍ଷରୁ କମ୍ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି, ଯାହାକି ରାଜକୋଟ୍, ଗୁଜୁରାଟରେ ଚଳିତ ନଭେମ୍ବର ମାସର ୨୪ ତାରିଖରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଆହୁରି ମଧ୍ୟ ଦଶମ ଶ୍ରେଣୀର ଛାତ୍ର ରାହୁଲ କୁସୁମା ଏବଂ ନବମ ଶ୍ରେଣୀର ଛାତ୍ର ଜେଙ୍ଗା ଲାକ୍ରା ୬୮ ତମ ୧୭ ବର୍ଷରୁ କମ୍ ଜାତୀୟ ସ୍କୁଲ୍ ସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି, ଯାହାକି ଜମ୍ମୁ (ଜମ୍ମୁ ଓ କଶ୍ମୀର)ରେ ଚଳିତ ନଭେମ୍ବର ୩୦ ତାରିଖରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜାତୀୟସ୍ତରକୁ ଉନ୍ନୀତ ହୋଇ ନିଜ ପରିବାର, ବିଦ୍ୟାଳୟ ତଥା ସମ୍ବଲପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।

# ନନ୍ଦନକାନନ ଯିବ ଉଦ୍ଧାର ହାତୀଛୁଆ: ପଦ୍ମପୁରରେ ହେବ ଆନିମଲ ରେସକ୍ୟୁ ସେଂଟର

କେନ୍ଦୁଝର, ୨୨/୧୧ (ନି.ପ୍ର): ଚଳିତ ନଭେମ୍ବର ୧ ତାରିଖ ବିଳମ୍ବିତ ରାତ୍ରିରେ ହାତୀପଲରେ ଆସି ଗାଁରେ ରହିଯାଇଥିବା ଓ ଏବଂ ବିଭାଗ ଦ୍ୱାରା ଉଦ୍ଧାର ହାତୀ ଛୁଆ ନନ୍ଦନକାନନକୁ ଯିବ ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡି କହିଛନ୍ତି । ଏଥିସହିତ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ପଦ୍ମପୁର ଠାରେ ଥିବା ବନ ବିଭାଗ ନର୍ସରୀ ପରିସରରେ ଏଲିଫାଂଟ ରେସକ୍ୟୁ ସେଂଟର ବା ଆନିମଲ ରେସକ୍ୟୁ ସେଂଟର ହେବା ପାଇଁ ସରକାରୀ ଏବଂ ପ୍ରଶାସନିକ ଅନୁମୋଦନ ମିଳିଥିବା ଡିଏଫ ଓ ସୂଚନା ଦେଇଛନ୍ତି । କେନ୍ଦୁଝର ବିଭିନ୍ନ ବନାଂଚଳ ରେ ଅନେକ ହାତୀ ରହିଛନ୍ତି । ବେଳେବେଳେ ହାତୀ ଛୁଆ ମାନଙ୍କୁ ବିଭିନ୍ନ ସମୟରେ ବନ ବିଭାଗ ଉଦ୍ଧାର କରୁଛି । ସେମାନଙ୍କୁ ହାତୀ ପଲରେ ମିଶାଇବାକୁ ବନ ବିଭାଗ ଅନେକ ପ୍ରୟାସ କରି ବିଫଳ ହେଉଛି । ଅନ୍ୟ ବନ୍ୟ ପ୍ରାଣୀ ମଧ୍ୟ ଉଦ୍ଧାର ହେଉଛନ୍ତି । ସେଭଳି ଅବସ୍ଥାରେ ଉଦ୍ଧାର ହାତୀ ଛୁଆ ଅନ୍ୟ ବନ୍ୟପ୍ରାଣୀଙ୍କୁ ନନ୍ଦନ କାନନକୁ ପଠାଇ ଦିଆଯାଉଛି । କେନ୍ଦୁଝରରେ ବାରମ୍ବାର ଏଭଳି ଘଟଣା ଦେଖିବାକୁ ମିଳୁଛି । ଉଦାହରଣ ସ୍ୱରୂପ ଏଇ ନିକଟରେ ହାତୀ ପଲରେ ଆସି ଏକୁଟିଆ ହୋଇ ଗୋଟିଏ ହାତୀଛୁଆ ମା କୁ ଖୋଜି ଖୋଜି ଜଣଙ୍କର ରୋଷେଇ ଘରେ ପଶିଯାଇଥିଲା । ଏଭଳି ଘଟଣା ଦେଖିବାକୁ ମିଳିଥିଲା ଚମ୍ପୁଆ ରେଞ୍ଜ ବାମେବାରୀ ଫରେଷ୍ଟ ସେକ୍ସନ ଜଗଦଳା ଡ୍ୟାମ ସାହିରେ । ନଭେମ୍ବର ୧ ବିଳମ୍ବିତ ରାତିରେ ହାତୀପଲରେ ଥିବା ମା 'ହାତୀ ଛୁଆ ହାତୀକୁ ଛାଡି ପଳାଇବାରୁ ମା'କୁ ଖୋଜି ଖୋଜି ଜଗଦଳା ଡ୍ୟାମ ସାହିର ବୁଡୁରୁ ମୁଣ୍ଡାଙ୍କ ରୁଷେଇ ଘରେ ପଶିଯାଇଥିଲା ଛୁଆ ହାତୀ । ହାତୀ ପଲ ଜଗଦଳା ଡ୍ୟାମ ନିକଟ ଜଙ୍ଗଲ ଦେଇ ଯିବା ବାଟରେ ଏକ କେନାଲ ରେ ହାତୀ ଛୁଆ ଖସିପଡି ଥିଲା । ଫଳରେ ମା ' ହାତୀ ସହିତ ହାତୀ ଦଳ ଛୁଆକୁ ଛାଡି ଜଙ୍ଗଲ କୁ ଚାଲିଯାଇଥିଲା । ହାତୀ ଛୁଆ କେନାଲରୁ ବାହାରି ମା ' କୁ ଖୋଜି ଖୋଜି ଜଗଦଳା ଡ୍ୟାମ ସାହିରେ ପହଁଚି ଥିଲା । ଏପଟ ସେପଟ ହୋଇ ଶେଷରେ ଡ୍ୟାମ ସାହିର ବୁଡୁରୁ ମୁଣ୍ଡା ର ରୁଷେଇ ଘର ଭିତର କୁ ପଶି ବିଶ୍ରାମ ନେଲା । ସକାଳୁ ଘର ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ହାତୀ ଛୁଆ ଘରେ ପଶିଥିବା ଘଟଣା ଚାରିଆଡେ ଖେଳିଯାଇଥିଲା । ଫଳରେ ସଙ୍ଗେ ସଙ୍ଗେ ସାହି ପଡିସା ତଥା ଆଖପାଖ ଗାଁ ଲୋକେ ଏକତ୍ରିତ ହୋଇଯାଇଥିଲେ । ସଙ୍ଗେ ସଙ୍ଗେ ବନ ବିଭାଗ କୁ ଖବର ଦିଆଯାଇଥିଲା । ଖବର ପାଇ ବନ ବିଭାଗ ଘଟଣାସ୍ଥଳ ରେ ପହଂଚି ହାତୀ ଛୁଆ କୁ ଉଦ୍ଧାର କରିଥିଲେ । ତେବେ ହାତୀ ଛୁଆ କୁ ମା ' ହାତୀ ପାଖରେ ଛାଡ଼ିବା ପାଇଁ ପ୍ରୟାସକରି ବିଫଳ ହେବାରୁ ପଦ୍ମପୁର ନର୍ସରୀ ରେ ରଖା ଯାଇଛି । ଏଭଳି ଘଟଣାରେ ରେସକ୍ୟୁ ସେଂଟର ହେଲେ ହାତୀ ଛୁଆର ସେଠାରେ ଯତ୍ନ ନିଆଯାଇପାରିବ ଏବଂ ନନ୍ଦନକାନନ ପଠାଇବାକୁ ପଡିବ ନାହିଁ । ସେଥିପାଇଁ ସ୍ୱତନ୍ତ୍ର ଟିମ ନିୟୋଜିତ ହେବେ । ତେଣୁ କେନ୍ଦୁଝରରେ ଏଲିଫାଂଟ ରେସକ୍ୟୁ ସେଂଟର ହେବା ଜଣାପଡିବା ପରେ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଲହରୀ ଖେଳିଯାଇଛି ।

# କେନ୍ଦ୍ରାପଡ଼ା ବାଲିଯାତ୍ରାରେ ପରିବେଶ ସଚେତନତା ସଭା

କେନ୍ଦ୍ରାପଡ଼ା, ୨୨/୧୧ (ନି.ପ୍ର): ଗହୀରମଥା କଇଁଛ ସୁରକ୍ଷା କମିଟି ଓ ସ୍ୱେଚ୍ଛାସେବୀ ସଂଗଠନ 'ଆହ୍ୱାନ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ବାଲିଯାତ୍ରା ମଂଚରେ ସମାଜସେବୀ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ କୁମାର ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶ୍ୱବ୍ୟାପୀ ପ୍ରକୃତି ଉପରେ ଚାଲିଥିବା ଅବିଚାରିତ ଅତ୍ୟାଚାର ଓ ତା'ର ପ୍ରତିବଦଳରେ ମଣିଷ ସମ୍ମୁଖୀନ ହେଉଥିବା ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେବା ସହ ଆମେ ପ୍ରକୃତିକୁ ଧ୍ୱଂସ କଲେ ପ୍ରକୃତି ଆମକୁ ଧ୍ୱଂସ କରିଦେବ ବୋଲି ସତର୍କ କରାଇ ଦେଇଥିଲେ । ଏଥିରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିବା ବିଶିଷ୍ଟ ପରିବେଶବିତ୍ ହେମନ୍ତ କୁମାର ରାଉତ ହେନ୍ତାଳ ବନର ଜୈବ ବିବିଧତା ଓ ଉପକାରିତା ସମ୍ପର୍କରେ ଆଲୋଚନା କରି ନିକଟରେ ବହିଯାଇଥିବା ବାତ୍ୟା 'ଦାନା' କବଳରୁ ହେନ୍ତାଳ ବନ କିପରି କ୍ଷୟକ୍ଷତିର ପ୍ରଭାବକୁ ହ୍ରାସ କରିଥିଲା ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସଭାରେ ସମ୍ମାନିତ ଅତିଥି ରୂପେ ପରିବେଶବିତ୍ ରମାରଞ୍ଜନ ମଲିକ ଓ ସମାଜସେବୀ ସଞ୍ଜୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶୁଭାଂଶୁ କୁମାର ଦାସ ସ୍ୱାଗତ ଭାଷଣ, ଶ୍ରୀଧର କୁମାର ଭୋଳ ଅତିଥି ପରିଚୟ, ଧୀରେନ୍ କୁମାର ଦାସ ଧନ୍ୟବାଦ ପ୍ରଦାନ ଓ ଅନୁସୟା ସାମଲ ଉଦ୍ଘାଟନୀ ସଂଗୀତ ଗାନ କରିଥିଲେ ।

## ଘରେ ତିଆରି କରନ୍ତୁ ବାଦାମ ଚିକ୍କି

ଆବଶ୍ୟକ ସାମଗ୍ରୀ: ଚିନାବାଦମ୍, ଗୁଡ଼, ଘିଅ, ପାଣି,

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଲିରେ କଡେଇ ବସେଇ ବାଦାମକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହାପରେ ବାଦାମକୁ ଭାଜି ଏକ ପାତ୍ରରେ ରଖନ୍ତୁ। ଏହାପରେ କଡେଇରେ ଅଳ୍ପ ଘିଅ ପକାନ୍ତୁ। ଘିଅ ଗରମ ହୋଇଗଲେ ସେଥିରେ ଗୁଡ଼ ପକାନ୍ତୁ। ଏହାପରେ ସେଥିରେ ଗୁଡ ଏବଂ ପାଣି ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାପରେ ସେଥିରେ ଭଜା ଚିନାବାଦାମ ପକାଇ ମିଶାନ୍ତୁ। ଏହାପରେ ବାଦାମ ଓ ଗୁଡ଼ ଭଲଭାବେ ମିଶିଗଲେ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏକ ଥାଳିରେ ସବୁଆଡେ ଘିଅ ଲଗାଇ ଦିଅନ୍ତୁ। ଗୁଡ ଏବଂ ଚିନା ବାଦାମର ମିଶ୍ରଣକୁ ଥାଳିକୁ ବାହାର କରି ଆଣନ୍ତୁ। ଏହାକୁ ଥଣ୍ଡା କରିବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଏହା ଥଣ୍ଡା ହୋଇଗଲେ ଆପଣ ଯେଉଁ ଆକାରରେ ଖାଇବାକୁ ଚାହିଁବେ ସେହି ଆକାରରେ ଗଢ଼ନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ସୁଆଦିଆ 'ବାଦାମ ଚିକ୍କି'। ଆଜି ଘରେ ଏହାକୁ ବନାନ୍ତୁ । ନିଜେ ଖାଆନ୍ତୁ ଓ ଘର ପରିବାର ଲୋକଙ୍କୁ ପରଷନ୍ତୁ।



## ଦୈନିକ ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଯେକୌଣସି ଫଳ: ଏଥିରେ ଅଛି ଏହିସବୁ ଭଲ ଗୁଣ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପଣ ଦୂରେଇ ଯାଇଥାଏ। ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍ସ। କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ।
ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ।
ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ। ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ।
ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ। ପାରୁଛନ୍ତି ଯଦି ଫଳ ପରିବର୍ତ୍ତନ କରନ୍ତୁ। ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ। ସକାଳ ଖାଇବାରେ କଦଳୀ ସାମିଲ କଲେ ଖୁବ୍ ଭଲ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ।
ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ। କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ। ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ। ନଡ଼ିଆ ବି ଖୁବ୍ ଉପକାରୀ ଫଳ। ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ। ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ।
କମଳାରେ ଅଛି ଭିଟାମିନ୍ ସି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ସେଥିପାଇଁ ଦୈନିକ ଗୋଟାଏ କମଳା ଖାଇବା ବି ଖୁବ୍ ଭଲ।



## ଆମେ ବ୍ୟବହାର କରୁଥିବା ଅତରରୁ ହୋଇପାରେ କର୍କଟ ପରି ସାଂଘାତିକ ରୋଗ

ଡିଓଡୋରାଣ୍ଟ ବା ଅତର ବ୍ୟବହାର କରିବାର ସଉକ ପ୍ରାୟ ସବୁ ଲୋକଙ୍କ ଭିତରେ ଥାଏ। କେହି କେହି ଭିନ୍ନ ଭିନ୍ନ ଅତର ବାସ୍ନାରେ ନିଜ ବ୍ୟକ୍ତିତ୍ୱର ଏକ ଭିନ୍ନ ପ୍ରତିଛବି ସୃଷ୍ଟି କରିଥାନ୍ତି। କିନ୍ତୁ ଆପଣ ଜାଣନ୍ତି ନାହିଁ ଯେ ଏହାକୁ ପ୍ରୟୋଗ କରି ଆପଣ କର୍କଟ ସମେତ ଅନେକ ରୋଗକୁ ନିମନ୍ତ୍ରଣ କରିଥାନ୍ତି। ଏହିପରି ପ୍ରସାଧନ ସାମଗ୍ରୀରେ ଅନେକ ରାସାୟନିକ ପଦାର୍ଥ ଅଛି, ସେଥିମଧ୍ୟରୁ ଗୋଟିଏ ହେଉଛି ପାରାବେନ୍। ଏନ୍‌ସିବିଆଇର ଏକ ଗବେଷଣା ଅନୁଯାୟୀ, ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ପାରାବେନ୍ ବିପଜ୍ଜନକ ଏବଂ ଏହା ବିପଜ୍ଜନକ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ। ରିପୋର୍ଟରୁ ପ୍ରକାଶ ଯେ ପାରାବେନ୍ ଏକ ଏପରି ଦୂଷିତ ପଦାର୍ଥ, ଯାହା ଷ୍ଟେରଏଡ୍ ହରମୋନ୍ ନଷ୍ଟ କରିପାରେ। ଏହି ହରମୋନର ପରିବର୍ତ୍ତନ ପୁରୁଷଙ୍କ ପ୍ରଜନନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ। କର୍କଟ ଏକ ବିପଜ୍ଜନକ ରୋଗ, ଯାହା ମୃତ୍ୟୁର କାରଣ ହୋଇପାରେ। ଅନୁସନ୍ଧାନରେ, ଅତରରେ ଥିବା ରାସାୟନିକ ପଦାର୍ଥ ସ୍ତନ କର୍କଟ ଏବଂ ଥାଇରଏଡ କ୍ୟାନସରର ମୁଖ୍ୟ କାରଣ ବୋଲି ଜଣାପଡିଛି। ଏହି ଉତ୍ପାଦଗୁଡିକ ପ୍ରୟୋଗ ପରେ ଏହା ଅତି ଶୀଘ୍ର ଚର୍ମରେ ପ୍ରବେଶ କରେ। ଯେଉଁ କାରଣରୁ ରାସାୟନିକ ପଦାର୍ଥ ଚର୍ମର ପ୍ରତିରକ୍ଷା ସ୍ତରକୁ କ୍ଷତି ପହଞ୍ଚାଏ ଏବଂ ଚର୍ମ ଆଲର୍ଜି ହୋଇଥାଏ। ବେଳେବେଳେ ଫୁସଫୁସରେ ବିପଜ୍ଜନକ ରାସାୟନିକ ପଦାର୍ଥ ପ୍ରବେଶ କରିବାରୁ ଏହା ଶ୍ୱାସକ୍ରିୟାରେ ବାଧା ଉପୁଯାଏ। ଯଦି ଆପଣ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଭର୍ଟିଗୋ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଏହା ଅତର କାରଣରୁ ହୋଇପାରେ।






## ଶରୀର ପାଇଁ କେତେ ଉପକାରୀ ଆତ ? ଜାଣନ୍ତୁ ଏହାର ଗୁଣ ବିଷୟରେ...

**ଫଳ ଏବଂ ପନିପରିବା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଫଳରେ ଅନେକ ପ୍ରକାରର ପୋଷକ ତ୍ୱ ଏବଂ ଭିଟାମିନ୍ ମିଳିଥାଏ । ଏଥିପାଇଁ ହିଁ ଦୈନନ୍ଦିନ ଜୀବନରେ ଫଳ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥାନ୍ତି ବିଶେଷଜ୍ଞ । ଫଳ ମଧ୍ୟରୁ ଗୋଟିଏ ହେଉଛି କଷ୍ଟାର୍ଡ ଆପଲ୍ । ଯାହାକୁ ଆମେ ସାଧାରଣତଃ ଆତ କହିଥାଉ । ଏହି ଫଳ ଅନେକ ନାଁ ଜଣାଶୁଣା । ଆତ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଏଥିରେ ଭିଟାମିନ୍ ସି, ମ୍ୟାଗ୍ନେସିୟମ୍, ଭିଟାମିନ୍ ବି୬ ଏବଂ ଆଇରନ୍ ଇତ୍ୟାଦି ଭରପୂର ରହିଛି । ଏହି ଫଳ ଉଭୟ ହୃଦୟ ଏବଂ ମଧୁମେହ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ତେବେ ଆସନ୍ତୁ ଜାଣିବା ଆତର ଉପକାରିତା ବିଷୟରେ...**



ବିଶେଷଜ୍ଞଙ୍କ ଅନୁଯାୟୀ ଆତରେ ଥିବା ଭିଟାମିନ୍ ସି ଏକ ଆଣ୍ଟିଅକ୍ସିଡାଣ୍ଟ ଅଟେ । ଆତ ହୃଦୟ ଏବଂ ମଧୁମେହ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଶରୀରକୁ ଭିଟାମିନ୍ ସି ଯୋଗାଇବା ପାଇଁ ଆପଣ ଆତ ଖାଇପାରିବେ । ଆଖି ପାଇଁ ବହୁତ ଲାଭଦାୟକ ଅଟେ ଆତ । ଏଥିରେ ଥିବା ଲୁଟେନ୍ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଅଟେ । ଯାହା ଆତରେ ମିଳିଥାଏ। ଏହା ମୁକ୍ତ ରେଡିକାଲରୁ ରକ୍ଷା କରିଥାଏ ଏବଂ ଅନେକ ଚକ୍ଷୁ ସମସ୍ୟା ଦୂର କରି ଆଖିକୁ ମଧ୍ୟ ସୁରକ୍ଷା ଦେଇଥାଏ। ରକ୍ତଚାପ ନିୟନ୍ତ୍ରଣରେ ବେଶ୍ ଲାଭଦାୟକ ହେଉଛି ଆତଙ୍କ । ଆତରେ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଥାଏ, ଯାହା ରକ୍ତବାହୀକୁ ବିସ୍ତାର କରିବାରେ ସାହାଯ୍ୟ କରିଥାଏ । ଆତ ଖାଇଲେ ରକ୍ତଚାପ କମ୍ ରହିଥାଏ । ଏହା ସହିତ ହୃଦରୋଗକୁ ରୋକିବା ମଧ୍ୟ ସହାୟକ ହୋଇଥାଏ।

## ବିନା ପେନକିଲରରେ କମିବ ମୁଣ୍ଡବିନ୍ଧା



ଅଧିକାଂଶ ସମୟ ଆପଣଙ୍କ ମଣ୍ଡ ବିନ୍ଧୁଛି କି? ବିନା ପେନକିଲରରେ ଯଦି ମୁଣ୍ଡ ବିନ୍ଧା କମ ହେଉଛି ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। ସାବଧାନ, ପେନକିଲର ଅଧିକ ସେବନ କ୍ଷତି ପହଞ୍ଚାଇପାରେ ଆପଣଙ୍କ ଶରୀରରେ ଅନ୍ୟ ଅଙ୍ଗକୁ। ତେବେ ବିନା ଔଷଧରେ ଏବଂ ଘରୋଇ ଉପଚାର ଦ୍ୱାରା ମଧ୍ୟ ଆପଣ ମୁଣ୍ଡ ବିନ୍ଧା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ତେବେ ମୁଣ୍ଡ ବିନ୍ଧିଲେ ପେନକିଲର ବଦଳରେ କିପରି କରିବେ ଉପଚାର ଜାଣନ୍ତୁ ସେ ସମ୍ପର୍କିତ କିଛି ତଥ୍ୟ।

ମେଡ଼ିଟେସନ: ଅନେକ ସମୟରେ କାମ ଚିନ୍ତାରେ ମୁଣ୍ଡ ବିନ୍ଧା ହୁଏ, ମାନସିକ ସ୍ତରରେ ଅଧିକ ଚିନ୍ତିତ ରହିଲେ ମଧ୍ୟ ମୁଣ୍ଡ ବିନ୍ଧା ହୁଏ। ଏଥିପାଇଁ ପ୍ରଥମେ ମସ୍ତିଷ୍କକୁ ଥଣ୍ଡା ରଖିବା ଜରୁରୀ। ଥଣ୍ଡା ମସ୍ତିଷ୍କ ପାଇଁ ମେଡ଼ିଟେସନ କରିବା ଆବଶ୍ୟକ। ପ୍ରତିଦିନ ସକାଳୁ କିଛି ସମୟ ମେଡ଼ିଟେସନ କରନ୍ତୁ। ଯାହା











ଆପଣଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖିବା ସହ ମୁଣ୍ଡ ବିନ୍ଧା ସମସ୍ୟା ସହଜେ କମିବ।

ଶ୍ୱାସକ୍ରିୟା: ଯଦି ଆପଣଙ୍କ ସାଇନୋସାଇଟ୍ ସମସ୍ୟା ପାଇଁ ମୁଣ୍ଡବିନ୍ଧା ହେଉଥାଏ, ତେବେ ଯୋଗ ମାଧ୍ୟମରେ ନିଃଶ୍ୱାସ ନେବା ଓ ପ୍ରଶ୍ୱାସ ଛାଡ଼ିବା, ପ୍ରକ୍ରିୟା ଆପଣାନ୍ତୁ। ଏହାଦ୍ୱାରା ସାଇନସ୍ ସମସ୍ୟା କମିବା ସହ ମୁଣ୍ଡ ବିନ୍ଧା ମଧ୍ୟ ହେବନାହିଁ।

ମସାଜ ଥେରାପି: ପ୍ରତିଦିନ ମୁଣ୍ଡରେ କିଛି ସମୟ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ। ଏପରି କରିବା ଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁରୂପେ ହୁଏ ଏବଂ ମୁଣ୍ଡ ବିନ୍ଧା ମଧ୍ୟ କମେ।

ଗରମ ଓ ଥଣ୍ଡା ସେକ: ଅନେକ ସମୟରେ ଚିଡ୍ ଚିଡ଼ା କିମ୍ବା ବିରକ୍ତି ମନୋଭାବ ଯୋଗୁ ମୁଣ୍ଡ ବିନ୍ଧାହୁଏ। ତେବେ ଏଥିପାଇଁ କୌଣସି ଔଷଧ ସହଜେ କାମ କରିନଥାଏ। ଏଭଳି ସ୍ଥିତିରେ ଥଣ୍ଡା ପାଣି ଓ ଗରମ ପାଣି ସେକ ନେଇ ପାରିବେ। ଏକ କପଡ଼ାକୁ ଗରମ ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ। ପୁଣି ସଙ୍ଗେ ସଙ୍ଗେ ଥଣ୍ଡା ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ। ଏପରି ୧୫ ମିନିଟ କରନ୍ତୁ। ଦେଖିବେ ମୁଣ୍ଡ ବିନ୍ଧା କମିଯାଇଥିବ।

ପିପରମେଣ୍ଟ ଯୁକ୍ତ ତେଲ: ପିପରମେଣ୍ଟ ବହୁ ପରିମାଣରେ ଆଣ୍ଟି ଇନ୍ଫ୍ଲାମୋଟୋରୀ ରହିଛି। ଯାହା ବିନ୍ଧା ହେଉଥିବା ସ୍ଥାନରେ ଲଗାଇବା ଦ୍ୱାରା ଯନ୍ତ୍ରଣା କମିଯାଏ।ତେବେ ଯନ୍ତ୍ରଣା କମାଇବା ପାଇଁ ପିପରମେଣ୍ଟ ଯୁକ୍ତ ତେଲ ବ୍ୟବହାର କରନ୍ତୁ।

## ସବୁଠୁ ବଡ଼ ଭର୍ଟିକାଲ ଗାର୍ଡେନ

କଲମ୍ବିଆ, ବଗୋଟା ସହର ମଝାମଝି ରହିଛି ଏମିତି ଏକ ଅଟ୍ଟାଳିକା, ଯାହା ପାଲଟିଛି ସାରା ପୃଥିବୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ। କାରଣ ଉକ୍ତ ଅଟ୍ଟାଳିକାଟି ଆଚ୍ଛାଦିତ ହୋଇ ରହିଛି ଘନ ସବୁଜିମାରେ। ଆଜି ପର୍ଯ୍ୟନ୍ତ ସହରାଞ୍ଚଳରେ ତିଆରି କରାଯାଇଥିବା ବଗିଚା ମଧ୍ୟରେ ଏହା ହେଉଛି ସବୁଠାରୁ ଖାସ୍ ଓ ଆଶ୍ଚର୍ଯ୍ୟଜନକ। କାରଣ ଏହି ବଗିଚା ରହିଛି ଭୂଲମ୍ବଭାବେ। ଏଡ଼ିଫିସିଓ ସାଣ୍ଟାଲାଇଆ ନାମକ ଉଦ୍ଭିଦ ଆଚ୍ଛାଦିତ ହୋଇ ରହିଛି ଉକ୍ତ ଅଟ୍ଟାଳିକାକୁ। ୩୩୦୦୦ ବର୍ଗ ଫୁଟର ଉକ୍ତ ଉଦ୍ଭିଦ ୧୧ ମହଲା ବିଶିଷ୍ଟ ବଗୋଟାସ୍ଥ ଏହି ଅଟ୍ଟାଳିକାକୁ ଆଚ୍ଛାଦିତ କରିଛି। ଫଳରେ ଏହାକୁ ପୃଥିବୀର ସବୁଠାରୁ ବଡ଼ ଭୂଲମ୍ବାକାର ବଗିଚା କୁହାଯାଏ। ସ୍ପେନର ଗ୍ରୀନ ଡିଜାଇନର୍ ପାଇସାଜିସ୍ମୋ ଅର୍ବାନୋ ଓ କଲମ୍ବିଆର ଗ୍ରୋନକୋଲ୍ କମ୍ପାନୀର ମିଳିତ ସହଯୋଗରେ ଉକ୍ତ ଆକର୍ଷଣ ଭୂଲମ୍ବାକାର ବଗିଚାର କାମ ୨୦୧୫ ଡିସେମ୍ବରରେ ସମାପ୍ତ ହୋଇଥିଲା। ୮ ମାସର



ଯୋଜନା ଓ ଆଉ ୮ ମାସର କଠିନ ପରିଶ୍ରମ ଫଳ ସ୍ୱରୂପ ଏହା ରୂପ ପାଇଥିଲା। ଏହି ଅଟ୍ଟାଳିକାକୁ 'ଦି ଗ୍ରୀନ୍ ହାର୍ଟ ଅଫ୍ ବଗୋଟା' ମଧ୍ୟ କୁହାଯାଏ। ପୃଥିବୀର ଏହି ସବୁଠାରୁ ବଡ଼ ଭୂଲମ୍ବାକାର ବଗିଚାରେ ରହିଛି ୧୦ଟି ପ୍ରଜାତି ଓ ୫ଟି ଭିନ୍ନ ବର୍ଗର ୧,୧୫,୦୦୦ଟି ଉଦ୍ଭିଦ। ଏଗୁଡ଼ିକୁ କଲମ୍ବିଆର ଚକୋରେନ ଫରେଷ୍ଟରୁ ଅଣାଯାଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଞ୍ଚୟ ଯୋଜନା...

କେନ୍ଦ୍ର ସରକାର ତାଙ୍କର ଚିରାଚରିତ ଢଙ୍ଗରେ ପୁଣି ଥରେ ଡାକଘର ଜମା ସମ୍ବନ୍ଧୀୟ ନିୟମାବଳୀର ସାର୍ବଜନିନ ସୂଚନା ବିନା ସଂଶୋଧନ କରିଦେଇଛନ୍ତି। ଦୀର୍ଘ ପ୍ରାୟ ଚାରିଦଶନ୍ଧି ଧରି ଭବିଷ୍ୟତ ଆର୍ଥିକ ନିରାପତ୍ତା ପାଇଁ ନିର୍ଭରଯୋଗ୍ୟ ଓ ଆକର୍ଷଣୀୟ ସୁଧ ହାର ପ୍ରଦାନ କରିଆସୁଥିବା ଜାତୀୟ ସଞ୍ଚୟ ଯୋଜନା(ଏନ୍ଏସ୍ଏସ୍)କୁ ଗତ ଅକ୍ଟୋବର ପହିଲାଠାରୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନିଆଯାଇଛି। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଖାତାଧାରୀମାନେ ସେମାନଙ୍କ ଜମା ରାଶିକୁ କାଢ଼ି ନେଇ ଖାତା ବନ୍ଦ କରିଦେବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୁର୍ଭାଗ୍ୟଜନକ ହେଉଛି ଯେ ଏ ସମ୍ବନ୍ଧରେ ଜମାକାରୀମାନେ ସମ୍ପୃକ୍ତ ଡାକଘରକୁ ଯିବା ପରେ ଯାଇ ଅବଗତ ହୋଇଛନ୍ତି। ଏପରିକି ସବୁ ଡାକଘର ପୋଷ୍ଟମାଷ୍ଟରମାନେ ମଧ୍ୟ କେନ୍ଦ୍ର ସରକାରଙ୍କ ଉପରୋକ୍ତ ସଂଶୋଧିତ ନିୟମ ସମ୍ବନ୍ଧରେ ଅବଗତ ନ ଥିବାରୁ ଅକ୍ଟୋବର ମାସରେ କେତେକ ଡାକଘରେ ନୂଆ ଭାବେ ଏନ୍ଏସ୍ଏସ୍ ଖାତା ଖୋଲିବା ପାଇଁ ଅନୁମତି ଦେଇସାରିଛନ୍ତି। ଆହୁରି ଚିନ୍ତାଜନକ ହେଉଛି ଜମାକାରୀମାନେ ଖାତା ବନ୍ଦ କରି ସେମାନଙ୍କ ଜମା ରାଶି ଉଠାଇବା ବେଳେ ମୂଳଧନ ସହିତ ପାଇଥିବା ସୁଧ ଉପରେ ୧୦% ଆୟକର ଦଣ୍ଡ ଗଣିବାକୁ ବାଧ୍ୟ ହେବେ। ମୁଖ୍ୟତଃ ଆୟକର ରିହାତି ଜରିଆରେ ଉଚ୍ଚ ଆୟକାରୀ ଓ ବେତନଭୋଗୀଙ୍କୁ ଜାତୀୟ ପାଣ୍ଠି ଗଠନରେ ସହଯୋଗ କରିବା ପାଇଁ ୧୯୮୭ ମସିହାରେ ଏନ୍ଏସ୍ଏସ୍ ଆରମ୍ଭ ହୋଇଥିଲା। ଏଥିରେ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମାରେ ଆୟକର ଆଇନ ୧୯୬୧ ଧାରା ୮୦ ସି ଅଧୀନରେ ଆୟକର ରିହାତି ମିଳୁଥିଲା। ୧୯୯୨ରେ ଏହି ଯୋଜନା ସାମୟିକ ବନ୍ଦ ହୋଇ ପୁନର୍ବବାର ଆରମ୍ଭ ହେଲା ଏବଂ ୨୦୦୨ ପର୍ଯ୍ୟନ୍ତ ଚାଲିଲା, ଯେଉଁଥିରେ ବାର୍ଷିକ ୧୧% ହାରରେ ସୁଧ ମିଳୁଥିଲା। ଚାରିବର୍ଷ ପର୍ଯ୍ୟନ୍ତ ମୂଳଜମା ଉଠାଣରେ କଟକଣା ଥିଲା। ଏହା ମୁଖ୍ୟତଃ ଆୟକର ରିହାତି ପାଇଁ ଉଦ୍ଦିଷ୍ଟ ଥିବାରୁ ଖାତା ବନ୍ଦ କରିବା ବେଳେ ଖାତାଧାରୀଙ୍କୁ ମୂଳ ଜମା ଓ ସୁଧ ଉପରେ ଆୟକର ଦେବାକୁ ପଡୁଥିଲା, ଯାହା ସ୍ୱାଭାବିକ। ଆକର୍ଷଣୀୟ ସୁଧ ହାର ଦୃଷ୍ଟିରୁ ବେତନଭୋଗୀ ବା ଆୟକରଦାତା ସମେତ ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତମାନେ ମଧ୍ୟ ଅନେକ ସଂଖ୍ୟାରେ ଏନଏସ୍ଏସ୍ ଖାତା ଖୋଲିଥିଲେ। କିନ୍ତୁ ଜମା ଓ ସୁଧ ବାବଦ ରାଶି ସମ୍ପୂର୍ଣ୍ଣ ଉଠାଣବେଳେ ଆୟକର ପୈଠ ସର୍ତ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଥିବାରୁ ଏବଂ ମୂଳ ଖାତାଧାରୀଙ୍କ ଅବର୍ତ୍ତମାନରେ ସେମାନଙ୍କର ଉତ୍ତରାଧିକାରୀଙ୍କୁ ସମ୍ପୂର୍ଣ୍ଣ କରମୁକ୍ତ ପ୍ରାପ୍ୟ ମିଳିବାର ନିୟମ ଥିବାରୁ ବହୁ ଖାତାଧାରୀ ଆକାଉଣ୍ଟ ବନ୍ଦ ନ କରି ଭବିଷ୍ୟ ପିଢ଼ି ପାଇଁ ଆର୍ଥିକ ନିରାପତ୍ତା ଭାବେ ଚଲାଇ ରଖିଥିଲେ। ୨୦୦୨, ଫେବୃଆରୀ ୨୮ରୁ ଏହି ଯୋଜନାର ପଛରେ ଥିବା ମୂଳ ଉଦ୍ଦେଶ୍ୟ(ଆୟକର ରିହାତି) ବନ୍ଦ ହୋଇଯାଇଥିଲେ ମଧ୍ୟ ଏନ୍ଏସ୍ଏସ୍ ଖାତାଧାରୀମାନଙ୍କୁ ସରକାର ୨୦୦୩ ମାର୍ଚ୍ଚ ୧ ତାରିଖରୁ ୨୦୨୪, ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୭.୫% ହାରରେ ଜମାରାଶି ଉପରେ ସୁଧ ଦେଇ ଆସୁଥିଲେ। ଏବେ ଏହି ଯୋଜନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଆୟକର ପୈଠ ପୂର୍ବକ ଖାତା ବନ୍ଦ କରିବାକୁ ସରକାରୀ ନିର୍ଦ୍ଦେଶନାମା ଜାରି ହେବା ପରେ ଜୀବନର ସାୟାହ୍ନରେ ପହଞ୍ଚିସାରିଥିବା ଖାତାଧାରୀମାନେ ଆକସ୍ମିକ ମାନସିକ ଓ ଆର୍ଥିକ ନିର୍ଯାତନାର ଶିକାର ହୋଇଥିବା ପ୍ରତିକ୍ରିୟାମାନ ପ୍ରକାଶ ପାଇବାରେ ଲାଗିଛି। ବିଶେଷକରି ଅଣଆୟକରଦାତା ଖାତାଧାରୀମାନେ ଅଯଥାରେ ଆୟକର ଦଣ୍ଡ ଗଣିବା ସାର ହୋଇଛି। ବ୍ୟାଙ୍କର ଜଟିଳ କାରବାର ଓ ପରିବେଶ ସହିତ ଖାପ୍ ଖୁଆଇ ପାରୁନଥିବା ଗ୍ରାମୀଣ ଭାରତର ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସେବା ଆରମ୍ଭ କରାଯାଇଥିଲେ ମଧ୍ୟ କାଳକ୍ରମେ ମଧ୍ୟବିତ୍ତ ଓ ଉଚ୍ଚ-ମଧ୍ୟବିତ୍ତଙ୍କ ପାଇଁ ଡାକଘର ସଞ୍ଚୟ ଖାତା ଜମା ଯୋଜନା, ମିଆଦୀ ଜମା ଯୋଜନା, ମାସିକ ଆୟ ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଆୟ ଯୋଜନା, ଜାତୀୟ ସଞ୍ଚୟ ଯୋଜନା ଆଦି ଲୋକଙ୍କ ଆର୍ଥିକ ନିରାପତ୍ତା ଦୃଷ୍ଟିରୁ ଏକ ନିର୍ଭରଯୋଗ୍ୟ ଓ ସୁରକ୍ଷିତ ସ୍ଥାନ ଭାବେ ବିବେଚିତ ହୋଇଆସୁଛି। କିନ୍ତୁ ଗତ କିଛିବର୍ଷ ଧରି ଡାକଘର ସଞ୍ଚୟ ଜମା ଯୋଜନା ତା'ର ମୂଳ ଓ ମହତାକାଂକ୍ଷୀ ଲକ୍ଷ୍ୟରୁ ଦୂରେଇ ଯାଇ କ୍ରମଶଃ ବ୍ୟବସାୟିକ କୈନ୍ଦ୍ରିକ ହୋଇପଡୁଥିବା ଅଭିଯୋଗ ହେଉଛି। ବିଶେଷକରି ବିଗତ ଦଶନ୍ଧିରେ ଡାକଘର ସମ୍ବନ୍ଧୀୟ ନିୟମାବଳୀ ଓ ସର୍ତ୍ତାବଳୀରେ ଯେଉଁକେତେକ ପରିବର୍ତ୍ତନ ଓ ସଂଶୋଧନ ହୋଇଚାଲିଛି ସେଥିରେ ଯେ ଗରିବଙ୍କ କଲ୍ୟାଣ ପ୍ରତି ସମ୍ବେଦନଶୀଳତାର ଅଭାବ ରହୁଛି ଏହାକୁ ଅସ୍ୱୀକାର କରିହେବ ନାହିଁ। ନିୟମାବଳୀ ଓ କଟକଣାରେ ହେଉଥିବା ସଂଶୋଧନ ବା ପରିବର୍ତ୍ତନ ସମ୍ପର୍କରେ ଏହାର ପ୍ରକୃତ ହିତାଧିକାରୀ ଜମାକାରୀ ଓ ଜନସାଧାରଣଙ୍କୁ ପ୍ରାକ୍ ସୂଚନା ମିଳୁନାହିଁ। ସମ୍ପୂର୍ଣ୍ଣ ଅଗୋଚରରେ ଥିବା ବିଚରା ଅପାଠୁଆ ଜମାକାରୀଟିଏ ଜରୁରୀ ପରିସ୍ଥିତିରେ ଟଙ୍କା ଉଠାଇବାକୁ ଯିବା ବେଳେ ଡାକଘରରୁ ହିଁ ସେ ସମ୍ବନ୍ଧରେ ଜାଣିବାକୁ ପାଉଛି ଏବଂ ହଇରାଣ ହରକତ ହୋଇ ଫେରୁଛି। ଦେଶର ଗରିବଙ୍କ ଅତ୍ୟାବଶ୍ୟକ ବେଳେ ସେମାନଙ୍କ ହାତକୁ ସେମାନଙ୍କ ଦ୍ୱାରା ସଞ୍ଚିତ ଅର୍ଥ ଦେବା ପାଇଁ ଓ ବରିଷ୍ଠ ନାଗରିକଙ୍କ ବାର୍ଦ୍ଧକ୍ୟାବସ୍ଥାରେ ଜରୁରୀ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପୂର୍ବରୁ ଡାକଘର ସଞ୍ଚୟ ଜମା ଖାତାରେ ସର୍ବନିମ୍ନ ଜମା ପରିମାଣକୁ ଅତି ଅଳ୍ପ ବା ନାମକୁ ମାତ୍ର ରଖାଯାଇଥିଲା। କିନ୍ତୁ ଇତିମଧ୍ୟରେ ଡାକ ବିଭାଗ ଏହି ନିୟମକୁ ବଦଳାଇ ଦେଇ ସର୍ବନିମ୍ନ ଜମା ପରିମାଣ ୫୦୦ ଟଙ୍କା ରଖିବା ବାଧ୍ୟତାମୂଳକ ବୋଲି ନିୟମ କରିଛି। କେନ୍ଦ୍ର ସରକାରଙ୍କ ନୀତିଗତ ନିଷ୍ପତ୍ତି ଏବେ ଭାରତୀୟ ଡାକଘରକୁ ଗରିବଙ୍କ ଆତ୍ମାରୁ ଦୂରେଇ ନେଇ ଧନୀମାନଙ୍କ ପାଇଁ ବ୍ୟାଙ୍କଜମାର ବିକଳ୍ପର ରୂପ ଦେଉଛି।

## ବିରଳ ବ୍ୟକ୍ତିତ୍ୱର ବ୍ୟକ୍ତି: 'ନବକୃଷ୍ଣ ଚୌଧୁରୀ'

### ଡକ୍ଟର ଶରତ ଚନ୍ଦ୍ର ମିଶ୍ର



ପ୍ରତିଦିନ ଧରଣୀ ବକ୍ଷରେ କୋଟି କୋଟି ଜନ୍ମ ନେଉଛନ୍ତି, ପୁଣି ଲକ୍ଷ ଲକ୍ଷ ବି ମୃତ୍ୟୁ ବରଣ କରୁଛନ୍ତି। ସମସ୍ତଙ୍କୁ କିନ୍ତୁ ମନେ ରଖିହୁଏନା । ଏମିତି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଂସାରରୁ ବିଦାୟ ନେଇ ଚାଲିଗଲେ ମଧ୍ୟ ସେମାନଙ୍କର କାର୍ଯ୍ୟକଳାପ ପାଇଁ ଆଜି ବି ଅମର ହୋଇ ରହିଯାଇଛନ୍ତି । ସେହିଭଳି ଜଣେ ସାମ୍ୟବାଦୀ ଦର୍ଶନର ରୂପକାର, ବିପ୍ଳବୀ ଜନନାୟକ, ସଚ୍ଚା ଦେଶସେବକ ତଥା ନିଷ୍ପେସିତ ଜନତାର ସୁଖଦୁଃଖର ସାଥୀ, ସରଳ ଓ ନିରହଙ୍କାର ବ୍ୟକ୍ତି ଜଣକ ହେଉଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ 'ନବକୃଷ୍ଣ ଚୌଧୁରୀ' ।

ଆଜିର 'ଜଗତ୍ସିଂହପୁର' ଜିଲ୍ଲା ଓ ସେଦିନର ଅବିଭକ୍ତ କଟକ ଜିଲ୍ଲାରେ 'ଖେରସ' ଗାଁରେ ଏକ ଜମିଦାର ପରିବାରେ ଜନ୍ମଗ୍ରହଣ କରିଥିଲେ ଏହି ବ୍ୟକ୍ତି ଜଣକ । ସେଦିନ ଥିଲା ନଭେମ୍ବର ମାସ ୨୩ ତାରିଖ 'ଶନିବାର' ଓ ୧୯୦୧ ମସିହା । ତାଙ୍କର ପିତା ଗୋକୁଳାନନ୍ଦ ଚୌଧୁରୀ ଥିଲେ ଜଣେ ଓକିଲ । ତାଙ୍କର ଡାକ ନାମ ଥିଲା 'ବାପି' । ସେ ଶୈଶବରେ ଖେଳ-କସରତ ପ୍ରିୟ ଥିଲେ। ବୟସ ବଢ଼ିବା ସହ ତାଙ୍କର ପଢ଼ିବା ପ୍ରତି ଆଗ୍ରହ ବଢ଼ିଲା । ଗାଁ ସ୍କୁଲରେ ସେ ଭଲ ପଢୁଥିଲେ । ପରେ ସେ କଟକସ୍ଥ 'ପ୍ୟାରୀମୋହନ ଏକାଡେମୀ'ରେ ଅଧ୍ୟୟନ କଲେ । ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇ ଆଇ.ଏ. ପାସ୍ କଲେ, ପରେ ଅଧିକ ଶିକ୍ଷା ପାଇଁ ବି.ଏ ଶ୍ରେଣୀରେ ବି ନାମ ଲେଖାଇଲେ । 'ପରାଧୀନ ଭାରତର ଲୋକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଥିବାବେଳେ ଭଲ ଚାକିରି ପାଇଁ ସେ କଲେଜରେ ପାଠ ପଢୁଛନ୍ତି ।' ଏହିକଥା ତାଙ୍କର ଯୁବକମନକୁ ବାରମ୍ବାର ଆନ୍ଦୋଳିତ କରିବାକୁ ଲାଗିଲା । ସେ ରେଭେନ୍ସା କଲେଜ ଛାଡ଼ି ମହାତ୍ମା ଗାନ୍ଧୀଙ୍କର ଧନ୍ଦାମୂଳକ କାର୍ଯ୍ୟ ପ୍ରଶିକ୍ଷଣରେ ଅନୁପ୍ରାଣିତ ହୋଇ ସାବରମୋତି ଚାଲିଗଲେ । ସେଠାରେ ଛଅମାସରୁ ଅଧିକ ସମୟ ରହି ଖଦି ଲୁଗା ବୁଣା ବେଶ୍ ଭଲ ଭାବରେ ଶିଖିଗଲେ । ସେଠାରେ ପ୍ରାୟ ଦଶମାସର ରହଣି ମଧ୍ୟରେ ସେଠାକାର ଚଳଣି ଓ ରୀତିନୀତି ତାଙ୍କୁ ଜଣେ ସଚ୍ଚୋଟ ଲୋକ ସେବକ ହେବାରେ ସାହାଯ୍ୟ କରିଥିଲା ।

ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଦୃଢ଼ ନିଷ୍ପତ୍ତି ନେଲେ ଓ ୧୯୨୩ରେ ଶାନ୍ତିନିକେତନ ଯାଇ ପୁଣି ଅଧ୍ୟୟନରେ ନିମଗ୍ନ ହୋଇଗଲେ । ଅଧ୍ୟୟନ ସମୟରେ 'ମାଳତୀ ସେନ୍'ଙ୍କର ସହ ପରିଚୟ ହୋଇଥିଲେ। ଅଧ୍ୟୟନ ସାରି, ମାଳତୀଙ୍କୁ ବିବାହ କରି ଓଡ଼ିଶା ଫେରିଲେ । ଜଗତସିଂହପୁରର 'ତରିକୁଦ' ଗ୍ରାମରେ ବାସ କଲେ । ସେଠାରେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କଲେ । ଗାଁରେ ଥିବା ଭୂମିହୀନ, ଗରିବ, ଚାଷୀମୂଲିଆ ଓ ଖଟିଖିଆ ଶ୍ରମିକମାନଙ୍କ ପ୍ରତି ତାଙ୍କର ଥିଲା ଅଗାଧ ଦରଦ ଓ ଗଭୀର ଆନ୍ତରିକତା । ନିଜେ ଜଣେ ସଂଭ୍ରାନ୍ତ, ଧନାଢ୍ୟ ଓ ଜମିଦାର ପରିବାରର ସଦସ୍ୟ ହୋଇଥିଲେ ଓ ପତ୍ନୀ ଉଚ୍ଚଶିକ୍ଷିତା ହୋଇଥିଲେ ବି ସମସ୍ତ ବିଳାସ- ବ୍ୟସନ ପରିହାର କରି ଅବହେଳିତ ତଥା ନିଷ୍ପେସିତ ଜନତାଙ୍କ ସହ ମିଶ ନିଜକୁ ସମର୍ପିତ କରି ଧନୀ, ଜମିଦାର ଓ ଶୋଷକଙ୍କ ବିରୁଦ୍ଧରେ ସମସ୍ତଙ୍କୁ ସଂଗଠିତ କରି ସେବା ଓ ସଂଗ୍ରାମ ଜାରି ରଖିଲେ । ଉଭୟ ସ୍ୱାମୀ-ସ୍ତ୍ରୀ ଅଶିକ୍ଷିତ ଓ ଅପାଠୁଆ ଗ୍ରାମବାସୀ ମାନଙ୍କୁ ସଂଧ୍ୟାରେ ପାଠ ପଢ଼ାଉଥିଲେ । କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଯେ, 'ଭାରତର ଭବିଷ୍ୟତ ଶିକ୍ଷାରୁ ହିଁ ଆରମ୍ଭ ହେବ ।' ଏଣୁ ଶିକ୍ଷାକୁ ଗୁରୁତ୍ୱ ନେଇ 'ଚମ୍ପତିମୁଣ୍ଡା'ଠାରେ ଯଦୁମଣି ମହାନ୍ତିଙ୍କ ନେତୃତ୍ୱରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯୩୩ ମସିହାରେ କଟକଠାରେ 'ସାରଥୀ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ ଓ ପରେ 'କୃଷକ' ନାମକ ଏକ ପତ୍ରିକା ବି ପ୍ରକାଶ କରିଥିଲେ ।

ପରେ ବଡ଼ଭାଇ ଗୋବନ୍ଧୁ ଚୌଧୁରୀ ଓ ଭାଉଜ ରମାଦେବୀଙ୍କ ପ୍ରେରଣାରେ ସପତ୍ନୀକ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମକୁ ଯାଇ ଦୁଇବର୍ଷ ଶିକ୍ଷା ଲାଭ କରି ପୁଣି ଗାଁ 'ଖେରସ୍'କୁ ଫେରିଲେ । ସାବରମତୀରୁ ଫେରିବା ପରେ ସେ ଜଣେ 'ସଚ୍ଚୋଟ ରାଜନେତା' ଓ ଜଣେ 'ସ୍ୱାଧୀନତା ସଂଗ୍ରାମୀ'ରେ ପରିଣତ ହୋଇଗଲେ । ସେ ୧୯୩୦ରେ ଲବଣ ସତ୍ୟାଗ୍ରହ, ୧୯୪୦ରେ ବ୍ୟକ୍ତିଗତ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ଅନେକବାର କାରାବରଣ କରିଛନ୍ତି। ୧୯୩୮ରେ 'ସାରଙ୍ଗଧର ଦାସ'ଙ୍କ ସହ ମିଶି ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନର ବି ନେତୃତ୍ୱ ନେଇଛନ୍ତି ।

୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ହୋଇଥିବା ନିର୍ବାଚନରେ ସେ ତ୍ରିର୍ତ୍ତୋଲ- ଏରସମା' ଆସନରୁ ଲଢ଼ି ବିଜୟୀ ହୋଇଥିଲେ । ପୁଣି ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ କେନ୍ଦ୍ରାପଡ଼ା ଆସନରୁ ବିଧାନସଭା ପାଇଁ ବିଜୟୀ ହୋଇ ରାଜ୍ୟସ୍ୱମନ୍ତ୍ରୀ ହୋଇଥିଲେ । କେନ୍ଦ୍ରରେ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଦାୟିତ୍ୱ ନେବାରୁ ୧୯୫୦ ମେ ୧୨ ତାରିଖରୁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ପୁଣି ୧୯୫୨ରେ ପ୍ରଥମ ସାଧାରଣ ନିର୍ବାଚନରେ ସେ ବିଧାନସଭାକୁ ଭାରତୀୟ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ନିର୍ବାଚିତ ହେଲେ ଓ ମୁଖ୍ୟମନ୍ତ୍ରୀର ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଶାସନ କାଳରେ ହୀରାକୁଦ ବନ୍ଧ, ଓଡ଼ିଶା କୃଷି ଓ ପଶୁ ଚିକିତ୍ସା ମହାବିଦ୍ୟାଳୟ, ବୁର୍ଲାଠାରେ ବୈଷୟିକ ମହାବିଦ୍ୟାଳୟ ଆଦି ସ୍ଥାପନ ହୋଇଥିଲା । ବହୁ ବିରୋଧ ସତ୍ତ୍ୱେ ତାଙ୍କ ଉଦ୍ୟମରେ ଓଡ଼ିଆ ଭାଷା ସରକାରୀ ଭାଷାରେ ପରିଣତ ହୋଇଥିଲା । ଏକମାତ୍ର ପୁତ୍ର 'ବିନାୟକ'ଙ୍କ ଆତ୍ମହତ୍ୟା ତାଙ୍କୁ ବ୍ୟଥିତ କରିବାରୁ ସେ ସରକାରରୁ ଇସ୍ତଫା ଦେଇ ଜନସେବାରେ ବ୍ରତୀ ହୋଇଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ସର୍ବୋଦୟ ଓ ଭୂଦାନ ଆନ୍ଦୋଳନର ମୁଖ୍ୟ ସନ୍ଥ ବିନୋବାଙ୍କ ନୀତି ଓ ଆଦର୍ଶରେ ବେଶ ଅନୁପ୍ରାଣିତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସେ 'ମାନବ ସେବା ହିଁ ମାଧବ ସେବା'କୁ ନିଜର କର୍ତ୍ତବ୍ୟ ବୋଲି ବାଛିନେଲେ । ଗରିବ ଭୂମିହୀନ ଓ ପଛୁଆବର୍ଗ ଲୋକଙ୍କର ମୌଳିକ ଆବଶ୍ୟକତାକୁ ମର୍ମେ ମର୍ମେ ଉପଲବ୍ଧି କରି ତାଙ୍କର ସେବାରେ ପତିପତ୍ନୀ ଲାଗିଗଲେ । 'ସର୍ବୋଦୟ' ଆନ୍ଦୋଳନରେ ସାମିଲ ହୋଇଗଲେ । ୧୯୫୬ରେ ଅନୁଗୋଳରେ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ 'ବାଜିରାଉତ ଛାତ୍ରାବାସ' ପ୍ରତିଷ୍ଠା କରିଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ବି ସେଠାରେ ସସ୍ତ୍ରୀକ ରହୁଥିଲେ । ସେଠାରେ ଦୀନ, ହୀନ ତଥା ଦୁଃଖୀ ପୁଅଝିଅ ମାନଙ୍କୁ ସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥିଲେ ।



ସେ ପ୍ରତିମା ପୂଜାକୁ ବିରୋଧ କରୁଥିଲେ । ଧର୍ମସ୍ଥଳକୁ ଯାଉନଥିଲେ ମାତ୍ର ଜଣେ ଧର୍ମିକ ବ୍ୟକ୍ତି ଥିଲେ । ଜାତି ପ୍ରଥ ଓ ଛୁଆଁ-ଅଛୁଆଁ ଦୂର ପାଇଁ ଦଳିତ ଓ ନିମ୍ନବର୍ଗର ଲୋକଙ୍କୁ ନେଇ ଶାରଳା ମନ୍ଦିରକୁ ପ୍ରବେଶ କରାଇଥିଲେ । ସେ ଥିଲେ ଉଭୟ ଗାନ୍ଧୀବାଦୀ ଓ ମାର୍କ୍ସବାଦୀର ଏକ ସମନ୍ୱୟ ବ୍ୟକ୍ତିତ୍ୱ । ଗାନ୍ଧିଜୀ, ଲେଲିନ୍, କାର୍ଲମାର୍କ୍ସ, ଆବ୍ରାହମ୍ ଲିଙ୍କନ, ବିନୋବା, ରବୀନ୍ଦ୍ର ନାଥ ଓ ନେହେରୁ ଥିଲେ ତାଙ୍କର ଆଦର୍ଶ । ବଙ୍ଗଳା ଦେଶରେ ଆରମ୍ଭ ହୋଇଥିବା ଦଙ୍ଗାକୁ ସେ ଦମନ କରିବାରେ ସେ ସଫଳ ହୋଇଥିଲେ । ଜୟପ୍ରକାଶ ନାରାୟଣଙ୍କ ସହ ମିଶି ମଣିପୁର ଓ ନାଗାଲାଣ୍ଡରେ ଶାନ୍ତି ଫେରାଇ ଆଣିଥିଲେ ।

## ପ୍ରଥମାଷ୍ଟମୀ

### ପୁଷ୍ପମିତ୍ର ମହାପାତ୍ର



ପ୍ରଥମାଷ୍ଟମୀ ବା ପଢୁଆଷ୍ଟମୀ ଓଡ଼ିଶାର ଏକ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶିର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଏହି ଦିନ ବଂଶର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠ ପୁତ୍ର/ ପୁତ୍ରୀଙ୍କର ନବବସ୍ତ୍ର ପରିଧାନ, ବନ୍ଦାପନା ଆଦି ହୁଏ । ଏହା ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରା ଦିବସ । ଏହି ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପୂଜାବିଧି ଅନୁଷ୍ଠିତ ହୋଇଥାଏ । ମା'ମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ମାର୍ଗଶୀର ମାସକୁ କେତେକ ଗଣନାକାର ଏବଂ ଐତିହାସିକ ବର୍ଷର ପ୍ରଥମ ମାସ ଭାବେ ଗ୍ରହଣ କରୁଥିବାରୁ ଏହି ମାର୍ଗଶୀର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଏ । ସବୁ ମାସ ଭିତରେ ମାର୍ଗଶୀର ଶ୍ରେଷ୍ଠ ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣ – 'ମାର୍ଗଶୀର୍ଷୋହମ ଋତୁନାଂ କୁସୁମାକରଃ'। ଶ୍ରୀମଦ୍ ଭାଗବତ ଗୀତାରେ ଉଲ୍ଲେଖ ରହିଛି - 'ସମ୍ବତ୍ସରୋବତ୍ସ୍ୟ ନିମିଷ୍ୟ ମୃତୂଳାଂ ମଧୁମାଧବୌ, ମାସନାଂ ମାର୍ଗଶିର୍ଷୋଽହଂ ନକ୍ଷତ୍ରାଣାଂତ୍ୱଭିଜିତ୍ ।' ଅର୍ଥାତ୍ ନିମେଷ ରହିତମାନଙ୍କର ମୁଁ ସମ୍ବତ୍ସର, ଋତୁମାନଙ୍କର ମୁଁ ମଧୁମାଧବ, ମାସାମାଙ୍କର ମାର୍ଗଶୀର ଓ ନକ୍ଷତ୍ରମାନଙ୍କର ଅଭିଜିତ୍ ।

ଜ୍ୟେଷ୍ଠ ପୁତ୍ର କିମ୍ବା କନ୍ୟାଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ମା'ମାନେ ବନ୍ଦାପନା କରିଥାନ୍ତି । ନବବସ୍ତ୍ର ପରିଧାନ ଓ ବନ୍ଦାପନାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି । ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ବସ୍ତ୍ର ମାମୁଁ ଘରୁ ଆସିଥାଏ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର କରାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ପଢୁଆଁ ହୋଇଥିବା ସନ୍ତାନକୁ ଖାଇବାକୁ ଦିଆଯାଏ । ମନ୍ଦିର ମାଳିନୀ ନଗରୀ ଭୁବନେଶ୍ୱରରେ ବିରାଜିତ ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ଓଡ଼ିଆ ମାଟି, ପାଣି, ପବନରେ ସବୁଠି ସବୁକ୍ଷେତ୍ରରେ ପ୍ରଥମ ପ୍ରଥା ସମାଜର ପଥପଦର୍ଶକ ତଥା ଦିଗଦର୍ଶକ ମାନଙ୍କୁ ସମ୍ମାନ ଓ ପୂଜ୍ୟପୂଜାର ମର୍ଯ୍ୟାଦା ଦିଆଯାଇଥାଏ । ପରିବାରର ପ୍ରଥମ ଅର୍ଥାତ ଜ୍ୟେଷ୍ଠ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଅନ୍ୟତମ ଏହାର ଭାବାର୍ଥ । ତେବେ ଯାହାହେଉନା କାହିଁକି ପ୍ରଥମାଷ୍ଟମୀରେ ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶ୍ରୀବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀରେ ମୂଳଭିତ୍ତି ।


ଆଇନ୍ଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯


## ଅବାଞ୍ଛିତ ଗର୍ଭଧାରଣ

### ଡାକ୍ତର କାନ୍ତୀ ନାୟକ



ଜଣେ ନାରୀର ଜୀବନର ସଫଳତା ଭରି ରହିଥାଏ ଗର୍ଭଧାରଣରେ। ସନ୍ତାନ ପ୍ରାପ୍ତି ପାଇଁ ନାରୀଟି ଅନେକ ସ୍ୱପ୍ନ ଦେଖିଥାଏ ଏବଂ ଏକ ପ୍ରକାର ସାର୍ଥକ ଜୀବନର ଅନ୍ତର୍ନିହିତ ଆନନ୍ଦ ଭରି ରହିଥାଏ ମାତୃତ୍ୱରେ। ତେବେ ଅବାଞ୍ଛିତ ଗର୍ଭଧାରଣ ନାରୀର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ସାମାନ୍ୟ ଭୁଲ ମାତ୍ରକେ ଏ ନେଇ ଅନେକ ଅସୁବିଧାକୁ ସାମ୍ନା କରିବା ସହ ସ୍ୱାସ୍ଥ୍ୟଗତ ବିପଦ ରହିଥାଏ ଏବଂ ଏହାର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ପଡ଼ିବାର ସମ୍ଭାବନା ରହିଥାଏ।

ଔଷଧ ଖାଇବାରେ ଅନିୟମିତତା : ଗର୍ଭନିରୋଧକ ଔଷଧ ଖାଇବାରେ ଅନିୟମିତତା ହିଁ ଅବାଞ୍ଛିତ ଗର୍ଭଧାରଣର ମୁଖ୍ୟ କାରଣ। ଆପଣ ପ୍ରତିଦିନ ଗର୍ଭନିରୋଧକ ଔଷଧ ଖାଉଛନ୍ତି, ହେଲେ ମଝିରେ ଭୁଲି ଯାଇ ଦିନେ କି ଦୁଇଦିନ ଔଷଧ ଖାଇନାହାଁନ୍ତି, ତାପରେ ଖାଇଛନ୍ତି। ଏହାଦ୍ୱାରା ମଧ୍ୟ ଆପଣ ଗର୍ଭଧାରଣର ଶିକାର ହୋଇପାରନ୍ତି। ଅନ୍ୟ ଏକ ଭୁଲ ହେଉଛି ଅସୁରକ୍ଷିତ ସେକ୍ସ ଜୀବନ ବିତାଇଛନ୍ତି ହେଲେ ଦୁଇ ଦିନ ପର୍ଯ୍ୟନ୍ତ ଗର୍ଭନିରୋଧକ ଔଷଧ ଖାଇନାହାଁନ୍ତି, ତେବେ ଗର୍ଭଧାରଣର ଶିକାର ହୋଇପାରନ୍ତି।

ବାନ୍ତି ହେଉଥିଲେ : ଗର୍ଭନିରୋଧକ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ଯଦି ଆପଣଙ୍କର ବାନ୍ତି ହୋଇଯାଏ, ତେବେ ମଧ୍ୟ ଗର୍ଭଧାରଣର ଶିକାର ହୋଇପାରନ୍ତି। କାରଣ ବାନ୍ତି ହେବା ଦ୍ୱାରା ଆପଣଙ୍କ ଶରୀରରେ ଗର୍ଭନିରୋଧକ ଔଷଧ ଠିକ୍ ଭାବରେ କାମ କରିପାରେ ନାହିଁ।

ଠିକ୍ ସମୟରେ ଔଷଧ ନଖାଇବା : ଦୁଇଟି ଟାବଲେଟ ଖାଇବା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ବ୍ୟବଧାନ ରହିବା ଅନୁଚିତ। ମନେରଖନ୍ତୁ ଆପଣଙ୍କୁ ପ୍ରତିଦିନ ନିୟମିତ ସମୟରେ ହିଁ ଗର୍ଭନିରୋଧକ ଔଷଧ ଖାଇବା ଦରକାର। ଉଦାହରଣ ସ୍ୱରୂପ ଯଦି ଆପଣ ସକାଳେ ଟାବଲେଟ୍ ଖାଇବା ଆରମ୍ଭ କରିଛନ୍ତି, ତେବେ ପ୍ରତିଦିନ ସକାଳେ ହିଁ ଔଷଧ ଖାଆନ୍ତୁ। ନଚେତ୍ ଟାବଲେଟ୍ର ପ୍ରଭାବ କମ୍ ପଡ଼ିଥାଏ।

ଔଷଧ ଖାଇବାର ଠିକ୍ ପରେ ଅସୁରକ୍ଷିତ ସେକ୍ସ : ଗର୍ଭନିରୋଧକ ଔଷଧ ଋତୁଚକ୍ରର ତୃତୀୟ କିମ୍ବା ପଞ୍ଚମ ଦିନରୁ ଆରମ୍ଭ କରିବାକୁ ପଡ଼ିଥାଏ। ଯଦି ଆପଣ ଋତୁଚକ୍ର ସମୟରେ ଏପରି ଭାବରେ ଗର୍ଭନିରୋଧକ ଔଷଧ ବ୍ୟବହାର କରୁଥାନ୍ତି, ତାହାଲେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଅସୁରକ୍ଷିତ ସେକ୍ସ ଜୀବନ ବିତାନ୍ତୁ ନାହିଁ। ନଚେତ୍ ଗର୍ଭଧାରଣର ଶିକାର ହୋଇପାରନ୍ତି।

ଅଧିକ ତାପମାତ୍ରାରେ ଔଷଧ ରଖିବା : ଅଧିକ ତାପମାତ୍ରାରେ ଔଷଧ ରଖନ୍ତୁ ନାହିଁ। ଅଧିକ ତାପମାତ୍ରାରେ ଔଷଧ ରଖିଲେ, ତାର କ୍ଷମତା ହ୍ରାସ ହୋଇଥାଏ। ଫଳରେ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। କୌଣସି ବାକ୍ସ କି କାର ଭିତରେ ରଖନ୍ତୁ ନାହିଁ। ସିଧା ଖରାପଡୁଥିବା ସ୍ଥାନରେ ମଧ୍ୟ ଔଷଧ ରଖନ୍ତୁ ନାହିଁ। ଏହା ସହିତ ୬ ମାସରୁ ଅଧିକ ସମୟ ଷ୍ଟୋର କରି ରଖନ୍ତୁ ନାହିଁ। ସବୁଠୁ ଭଲ ହେବ ଏକ ମାସ ପାଇଁ ଆବଶ୍ୟକ ଔଷଧ କିଣନ୍ତୁ। ଏହାପରେ ପୁନଃ କିଣନ୍ତୁ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ
ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି,
ସିଡ଼ିଏ, କଟକ





## ଅଷ୍ଟମୀ ଏଣ୍ଡୁରୀ

### ପ୍ରଦୀପ୍ତ କୁମାର ଦାସ



ଆମ ସମାଜରେ ପଢୁଆଁ ପିଲାଙ୍କ
ମାନ ବଢ଼ାଇବା ପାଇଁ -
ହେମନ୍ତ କାଳରେ ପ୍ରଥମାଷ୍ଟମୀଟା
ଆସଇ ଧରାକୁ ଧାଇଁ,
ଭଣଜା ଭାଣିଜୀ ମାନଙ୍କ ମନରେ
ଭରିଦେବା ପାଇଁ ଖୁସି -
ଯଥା ସମୟରେ ଧରି ନାନା ଚିଜ
ମାମୁ ପହଞ୍ଚନ୍ତି ହସି,
ହଳଦିପତରେ ଏଣ୍ଡୁରୀ ପିଠା ଯେ
ଗଢ଼ାଯାଇ ଘରେ ଘରେ -
ଷଠୀ ଦେବୀ ପାଶେ ଲାଗିଥାଏ ଭୋଗ
ଏହି ଶୁଭଦିନ ଟିରେ,
ମାମୁଘର ମିଠା ମାଆ ଗଢ଼ା ପିଠା
ଲାଗେ ଭାରି ସୁଆଦିଆ -
ପିଲାଙ୍କ ଦେହରେ ସାଜେ ଏହିଦିନ
ପୋଷାକ ଯେ ନୂଆ ନୂଆ,
ଭଉଣୀର ପୁଅଝିଅଙ୍କୁ ନିଜର
ଭାବିଣ ପ୍ରତିଟି ଭାଇ -
ଏହି ପରବରେ କରନ୍ତି କରମ
ଅନ୍ତରୁ ଶରଧା ଦେଇ,
ମହ ମହ ବାସେ ସେନେହ ମମତା
ଅଷ୍ଟମୀ ଏଣ୍ଡୁରୀ ପରି -
ପ୍ରତି ଓଡ଼ିଆଙ୍କ ଦେହରେ ମନରେ
ଦିଏ ସେ ପୁଲକ ଭରି ।

ଅଞ୍ଚଞ୍ଚ


କଣ୍ଢାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର, ଓଡ଼ିଶା
ପିନ୍ -୭୫୫୦୧୩/
ମୋ -୮୫୯୪୮୮୫୮୯୮


## ପ୍ରଥମାଅଷ୍ଟମୀ

### ସତ୍ୟ ସିଂ ବାଗ

ଆମ ଓଡିଶା ସଂସ୍କୃତି ପରମ୍ପରା
ଅଟଇ ଯେ ତାହାର ମହାନ
ବାର ମାସେ ତେର ପରବ ପାଳୁ
ପୂଜା ପାଟ କରୁ ରଖି ଧିଆନ !!
ମାର୍ଗଶିର ମାସ କୃଷ୍ଣ ଅଷ୍ଟମୀରେ
ପ୍ରଥମାଅଷ୍ଟମୀର ପଢୁଆଁ ପରବ
ଏହି ଓଡିଶା ମାଟିରେ ଜନମ ହୋଇ
ଆମେ କରିଥାଉ ଅନେକ ଗରବ !!
ଏହି ଅଷ୍ଟମୀକୁ ପଢୁଆଁ ବି କହିଥାଉ
କାରଣ ଜେଷ୍ଠ ପୁତ୍ରର ଶ୍ରେଷ୍ଠ ସମ୍ମାନ
ପ୍ରଥମ ଝିଅ ହେଇଥାଉ ବା ପୁଅ
ନୂଆ ଲୁଗାର କରିଥାନ୍ତି ପରିଧାନ !!
ଚାଉଳ ଚୁନାରେ ବିରି ବଟା ମିଶା
ହଳଦୀ ପତରେ ପିଠା ହଳଦୀଆ
ଘରେ ଘରେ ସୁ ବାସନାର ମହକ
ଖାଇବାକୁ ମନଟା ହୁଏ ବଳିଆ !!
ଲିଙ୍ଗରାଜ ଙ୍କ ଆଦ୍ୟ ପୂଜା ଏହି
ପାଳେ ଅନେକ ଭକତ ଗଣ
ମନ ଉଲ୍ଲାସେ କରେ ପୂଜା ପାଟ
ବହୁ ଆଡମ୍ବରେ ଶରଧା ମନ !!
ସୂର୍ଯ୍ୟଦେବ ଙ୍କ ଜନମ ଏ ଦିନ
ମାନ୍ୟତା ଯେ ରହିଛି ଆମର
ଏ ଦିନ ଦାନ ପୁଣ୍ୟ ଅନେକତା
ସ୍ୱ ଧର୍ମ ଭାବ ଜାତ ଆମ ମନର !!


ଗ୍ରା /ପୋ - ତେରେସିଂହା
ଭାୟା - ରିସିଡା
ଜି - କଳାହାଣ୍ଡି, ପିନ୍ -୭୬୬୦୩୧
ମୋ - ୬୩୫୩୩୭୪୫୦୯


## ଆମ ପୋଢୁଆଁ ଅଷ୍ଟମୀ

### ସତ୍ୟ ସିଂ ବାଗ

କେତେଯେ ଅଷ୍ଟମୀ ଆସୁଛି ଯାଉଛି
ହିସାବ ରଖୁଛି କିଏ
କିନ୍ତୁ ମଗୁଶୁର ପ୍ରଥମାଷ୍ଟମୀର
କଥା ମନେ ପଡୁଥାଏ
ପୋଢୁଆଁ କରିବା ପାଇଁ,
ଏବରଷ ମାମୁ ଆସିପାରିବେନି
ଆସିବେ ମୋ ଆଜା ଆଇ।
ଆଣିଥିବେ କିଣି ମୋର ମନଜାଣି
ପ୍ୟାଣ୍ଟ କୁରୁତା ଯୋତା
କେତେକରି କହିଥିଲି ମୁଁ ଅଜାଙ୍କୁ
ଆଣିବାକୁ ଟିପାଛତା
ନିଷ୍ଟୟ ଆଣିବେ ବୋଲି,
ଝିଲି ସଂଗେ ଅଜା ଆଣିଥିବେ ଖଜା
ମାମା କହୁଥିଲା କାଲି।
ମାମା ପାଦ ଆଉ ଲାଗୁନାହିଁ ତଳେ
ବାବାଙ୍କୁ କହଇ ଯାଇ
'କାଲି ଆସିବାକୁ କଥା ଦେଇଛନ୍ତି
ସିନୁ ବଡ଼ଅଜା ଆଇ
ପନିର ଅଣିବ କିଣି,
ବାବାଙ୍କର ମୋର ସାଦାରେ ଶରଧା
ରାନ୍ଧିଦେବି ମନଜାଣି।
ବୋଉର ଶରଧା ଚୁନାମାଛ ରାଇ
ଅଧକିଲେ ଥିବଆଣି
ଫୁଲକୋବି ଦୁଇ ଧନିଆଁ ପତର
ସଂଗେ ଆଣିଥିବ କିଣି
ଦୁହେଁ ଏତେ ଦିନ ପରେ,
ଶରଧାରେ ଗୋଡ଼କାଢ଼ି ଆସିଛନ୍ତି
ତାଙ୍କ ଝିଅ ଶାଶୁଘରେ।


କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

# ସମସ୍ୟା ଏବଂ ତା'ର ସମାଧାନ

**ସନ୍ତୋଷ କୁମାର ଅଦାବର**

ଜଙ୍ଗଲ ଭିତରେ ଥାଏ ଆଶ୍ରମଟିଏ। ସେଠାରେ ଜଣେ ଗୁରୁ ତାଙ୍କର ଶିଷ୍ୟ ଶିଷ୍ୟା ମାନଙ୍କୁ ଶିକ୍ଷା ଦେଉଥାଆନ୍ତି। ସେଦିନର ବିଷୟ ଥାଏ 'ସମସ୍ୟା ଏବଂ ତା'ର ସମାଧାନ'। ଗୁରୁ ସୁନ୍ଦର ଭାବରେ ବୁଝାଉ ଥାଆନ୍ତି। ଶେଷରେ ଗୁରୁ କହିଲେ- ଆଜିର ବିଷୟଟିର ଆଲୋଚନାରେ ଯଦି କାହାର କିଛି ସନ୍ଦେହ ଅଛି ପଚାରି ପାର।

ଶିଷ୍ୟ ମାନଙ୍କ ଭିତରୁ ଜଣେ ଶିଷ୍ୟ ଛିଡ଼ାହୋଇ କହିଲେ- ହେ ଗୁରୁଦେବ; ମୋର ଗୋଟିଏ ପ୍ରଶ୍ନ ଅଛି। ଗୁରୁ କହିଲେ- ଠିକ୍ ଅଛି, ପଚାର।

ଶିଷ୍ୟ ଜଣକ ପଚାରିଲେ- ଥରେ ଜଣେ ଲୋକ ଜଙ୍ଗଲ ରାସ୍ତା ଦେଇ ଏକା ଏକା ଆସୁଥାଏ। ହଠାତ୍ ସେ ବାଘଟିଏ ତା' ଆଡ଼କୁ ଆସୁଥିବାର ଦେଖିଲା। ତେଣୁ ସେ ତା'ର ପାଖରେ ଥିବା ଏକ ଗଛକୁ ଚଢ଼ିଗଲା। ସୌଭାଗ୍ୟବଶତଃ ବାଘଟିର ଗୋଟିଏ ଗୋଡ଼ରେ ଅଳ୍ପ ଆଘାତ ହୋଇ ଥିବାରୁ ଗଛ ତଳେ ଅଟକି ଗଲା। ସେ ଗଛକୁ ଚଢ଼ିବା ଭଳି ସମର୍ଥ ନ ଥିଲା। କିନ୍ତୁ ମଣିଷକୁ ଦୌଡ଼ି ଗୋଡ଼ାଇ ଧରିପାରିବ। ତେଣୁ ସେ ମଣିଷଟିକୁ ଖାଇବା ପାଇଁ ଅଟକି ରହିଲା। ମଣିଷଟି ଗଛର ଯେଉଁ ଶାଖାରେ ଚଢୁଥାଏ ସେ ଶାଖାର କିଛି ଦୂରରେ ଗୋଟିଏ ବିରାଟ ଅଜଗର ସାପ ଥାଏ। ସେ ଗଛର ଅନ୍ୟ ଦୁଇଟି ଶାଖା ଦୁର୍ବଳ ଥାଏ। ତେଣୁ ସେ ସେହି ଶାଖାରେ ରହିଯାଇଥାଏ। ସେ ଭାବିଲା ଆଗକୁ ବଢ଼ିଲେ



ଅଥବା ସାପଟି ମଣିଷଟିଏ ଆସିଥିବା କଥା ଜାଣି ପାରିଲେ ତା'ର ସେ ଶିକାର ହୋଇଯିବ। ଏବେ ସେ ମଣିଷଟି ପାଇଁ ଏକ ବଡ଼ ସମସ୍ୟା ହୋଇଗଲା। ଏଭଳି ପରିସ୍ଥିତିରେ ସମାଧାନ କ'ଣ ଅଛି ଗୁରୁଦେବ?

ଶିଷ୍ୟଟିର ଏଭଳି ପ୍ରଶ୍ନରେ ଗୁରୁ କହିଲେ- ଜୀବନରେ ଏଭଳି କିଛି ସମସ୍ୟା ଅଛି ଯାହା ପାଇଁ ଆମକୁ ଆଗରୁ ସତର୍କ ଏବଂ ସାବଧାନ ହେବାକୁ ହୋଇଥାଏ। ଯେପରିକି ଏଠାରେ ମନୁଷ୍ୟ ଜାଣିଛି ଯେ ଜଙ୍ଗଲରେ ହିଂସ୍ର ଜୀବଜନ୍ତୁ ରହୁଛନ୍ତି। କାଳେ ତାକୁ ଆକ୍ରମଣ କରିପାରନ୍ତି। ତେଣୁ ସେ ଜଙ୍ଗଲ ରାସ୍ତା ଦେଇ ଆସିବା ପୂର୍ବରୁ ହିଂସ୍ର ପଶୁଙ୍କୁ ଭୟ କରାଇବା ପାଇଁ ନିଜେ କିଛି ହତିଆର ନେଇକି ଆସିବା କଥା କିମ୍ବା ତା'ର ଅତି ଜରୁରୀ କାମ ନ ପଡ଼ିଲେ ସେ ନ ଆସିବା କଥା। ସମସ୍ୟା ଗୁଡ଼ିକ କେବେ କିପରି କିଭଳି ଆସିବ ଏହା କେହି କହି ପାରିବେ ନାହିଁ, ଏହା ନିରାଟ ସତ। କିନ୍ତୁ ଆଗତପ୍ରାୟ ଅସୁବିଧା ବା ସମସ୍ୟା ବିଷୟରେ ମଣିଷର କିଛି ନା କିଛି ଅନୁମାନ ରହିଥାଏ। ତୁମେ କହୁଥିବା ଏଭଳି ପରିସ୍ଥିତିରେ ମଣିଷଟି ତା'ର ଉପସ୍ଥିତ ବୁଦ୍ଧି ଏବଂ ସାହସର ସହ ମୁକାବିଲା କରିବାର ଶକ୍ତି ଦ୍ୱାରା ହିଁ ତା'ର ଜୀବନକୁ ସେ ବଞ୍ଚାଇ ପାରିବ। ଏଣୁ ସମସ୍ୟା ବା ଅସୁବିଧା ଆସିବା ପୂର୍ବରୁ ଅନୁମାନ ଲଗେଇ ସତର୍କ ଏବଂ ସାବଧାନ ହେବାକୁ ହୋଇଥାଏ। ତେବେ ଯାଇ ସମସ୍ୟା ଗୁଡ଼ିକର ସମାଧାନ ହୋଇପାରିବ। ଏବେ ଶିଷ୍ୟ ଜଣକ ସ୍ମିତହାସ କରି ଗୁରୁଙ୍କୁ ପ୍ରଣାମ କଲା। ଯେଉଁଥିରୁ ଗୁରୁ ସ୍ପଷ୍ଟ ଭାବରେ ବୁଝିପାରିଲେ ଯେ ଶିଷ୍ୟ ଜଣକ ତାଙ୍କ ପ୍ରଶ୍ନର ଉପଯୁକ୍ତ ଉତ୍ତର ପାଇଯାଇଛନ୍ତି ବୋଲି।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## କବିତା
ତୁମ ପାଇଁ

### ଛୋଟ ଶିଶୁଟିଏ
**ରମେଶ ଚନ୍ଦ୍ର ନାୟକ**

ଛୋଟ ଶିଶୁ ଟିଏ ସଦା ହସୁ ଥାଏ
ନାହିଁ ତା' ଛନ୍ଦ କପଟ
ସ୍ନେହ ଶ୍ରଦ୍ଧା ପାଏ ସଭିଙ୍କ ପାଖରୁ
ଯେତେ ବି ହେଲେ ଅଝଟ ।
ମାଆ କୋଳ ତା'ର ସୁଖ ଶାନ୍ତି ଘର
ସଦା ଖୋଜେ ସେହି ସ୍ଥାନ
ଲୁଗା କାନି ଟାଣି ଖେଳେ ଲୁଚକାଳି
ସତେକି ଆକାଶେ ଜହ୍ନ ।
କି ସୁନ୍ଦର ମୁଖ କି ଅମୃତ ହସ
ଗୁଲୁ ଗୁଲୁ ମିଠା କଥା
ଦୁଃଖ ହଜିଯାଏ ସୁଖ ଭରିଦିଏ
ଦୂର କରି ଥାଏ ଚିନ୍ତା ।
ତା'ର ଖିଲି ହସ ଝରାଏ ସୁବାସ
କୋଳେ ଶୋଇ କରେ ନାଟ
ତା' ମଧୁର ନାଟ ଶିଖାଇ ଦିଏ ସେ
ନିଜର କରିବା ପାଠ ।
ଲୋଡ଼େ ନାହିଁ ସିଏ ସଂସାର ଜଞ୍ଜାଳ
ଅବା ହିଂସା ଅପରାଧ
ଲୋଡ଼ା ତାକୁ ଖାଲି ସେନେହ ମମତା
ଶ୍ରଦ୍ଧା କଥା ଦୁଇ ପଦ ।
ଥିଲେ ମାଆ କାଖେ ଏପାଖେ ସେପାଖେ
ଉଙ୍କି ମାରେ ଏଣେ ତେଣେ
ସତେକି ଜହ୍ନକୁ ହାତରେ ଧରିବ
ତାକୁ ଥାଏ ମନେ ମନେ ।

+କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

## କବିତା
ତୁମ ପାଇଁ



### ଝିପିଝିପି ଦେଖ ବର୍ଷା ଝରେ
**ମଞ୍ଜୁଲତା ବଳ**

ଝିପିଝିପି ଦେଖ ବରଷା ଝରେ
ବେଙ୍ଗ ବେଙ୍ଗୁଲିଙ୍କ ମୁଣ୍ଡ ଉପରେ।

ବେଙ୍ଗ କହେ ଆଲୋ ବେଙ୍ଗୁଲି ମୋର
ଲୁହ ଝରାଉଛୁ ଧାରକୁ ଧାର।

ଯେତେ କଲେ ଆମେ କେଁ କଟର
କେହି ବୁଝିବେନି ଆମ ଅନ୍ତର।

ଗାଡ଼ିଆ ପୋଖରୀ ପୋତି ଦେଲେଣି
ଗଛ କାଟି କୋଠା ବାଡ଼ି କଲେଣି।

ସହରକୁ ଗାଁ ବଳିଗଲାଣି
ଆଗଯୁଗ ସାତ ସପନ ହେଲାଣି।

ସାରୁ ବୁଦା ନାହିଁ କି ଯୁଗ ହେଲା
କଳ କାରଖାନା ଗଢ଼ି ଉଠିଲା।

ଧୂଳି ଧୂଆଁରେ ଯେ ଜୀବନ ଗଲା
ନିଜେ ମଣଷ ବି ଦୁଃଖ ପାଇଲା।

ମହା ବିପଦ ଯେ ମାଡ଼ି ଆସିଲା
ତହିଁରୁ ମୁକତି ନ ମିଳେ ଭଲା।

କଙ୍କ୍ରିଟ୍ ଜଙ୍ଗଲ ଦାଉରେ ଆଜି
ମାଟି କାଦୁଅ ତ ଯାଉଛି ହଜି।

ଆମ ଚଲାପଥ ବଡ଼ କଠିନ
ଜୀବନ ଯିବାଟା ନିଶ୍ଚିତ ଜାଣ।

ଆମ ପରି କେତେ ନିରୀହ ଜୀବ
ଏ ଧରା ଧାମରୁ ଲୋପ ପାଇବ।

କେମିତି ବଞ୍ଚିବୁ ଆମକୁ କୁହ।

+ବହିଘର, ଆଜିମାବାଦ
ବାଲେଶ୍ୱର
ମୋ: ୮୨୪୯୮୨୨୭୪୮

# ପଢୁଆଁ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**




ରିଙ୍କୁ ତା' ବାପା ମାଆ ଙ୍କର ବଡ଼ ପୁଅ। ପଢୁଆଁ ସନ୍ତାନ। ତା' ତଳକୁ ସାନ ଭଉଣୀ ରେଣୁ। ବର୍ଷ ସାରା ଯେତେ ପର୍ବପର୍ବାଣିରେ ନୂଆ ଲୁଗା ପିନ୍ଧୁଥିଲେ ବି ବିଶେଷକରି ପ୍ରଥମାଷ୍ଟମୀ ପାଇଁ ରିଙ୍କୁ ଲାଗି ଆସିଥାଏ ନୂଆ ପ୍ୟାଣ୍ଟସାର୍ଟ। ସେମିତି ତା' ପୂର୍ବରୁ କୁମାରପୂର୍ଣ୍ଣିମା ପାଇଁ କିଣା ଯାଇଥାଏ ରେଣୁର ନୂଆ ଜାମା। କୁମାରପୂର୍ଣ୍ଣିମାରେ ରେଣୁ ନୂଆ ଜାମା ପିନ୍ଧି ଅଳତା କଜଳ ଲଗାଇ ସଜବାଜ ହେଉଥିବା ଦେଖି ରିଙ୍କୁ ଈର୍ଷା କରି ତାକୁ ଚିଡ଼ାଏ। ସେମିତି ପ୍ରଥମାଷ୍ଟମୀ ଦିନ ରିଙ୍କୁର ମା' ତାକୁ ନୂଆ ପ୍ୟାଣ୍ଟସାର୍ଟ ପିନ୍ଧିବାକୁ ଦେଇ ତା' ମୁଣ୍ଡରେ ଚନ୍ଦନ ଟିପା ଲଗାଇ ବନ୍ଦାପନା କରନ୍ତି। ତା' ପରେ ଏଣ୍ଡୁରି ପିଠା ଖାଇବାକୁ ଦିଅନ୍ତି। ଏସବୁ ଦେଖି ରେଣୁର ମୁହଁ ଶୁଖିଯାଏ। ଅବଶ୍ୟ ତାକୁ ବି ସେହି ପିଠାପଣା ଖାଇବାକୁ ଦିଆଯାଏ କିନ୍ତୁ ଆଗ ଭାଇକୁ ଦିଆଯିବା ପରେ। ଯେତେ କଳି ଝଗଡା ହେଲେବି ଭାଇ ଭଉଣୀ ପୁଣି ଏକାଠି ହୋଇ ଖେଳନ୍ତି। ପ୍ରଥମାଷ୍ଟମୀ ଦିନ କିନ୍ତୁ ରିଙ୍କୁ ଏବଂ ରେଣୁଙ୍କର ଅପେକ୍ଷା ଥାଏ ତାଙ୍କ ମାମୁଙ୍କୁ। ତାଙ୍କ ହେତୁ ହେବା ଦିନରୁ ଦେଖି ଆସୁଛନ୍ତି ସବୁ ବର୍ଷ ମାମୁ ପିଠାପଣା, ଲୁଗାପଟା ନେଇ ଆସନ୍ତି ପ୍ରଥମାଷ୍ଟମୀ ଦିନ। ସେଥିପାଇଁ ତାଙ୍କ ମା' କେତେ ପ୍ରକାର ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଅପେକ୍ଷା କରିଥାନ୍ତି ମାମୁଙ୍କ ଆସିବା ବାଟକୁ। ସେଦିନ ବି ରିଙ୍କୁ ଏବଂ ରେଣୁ ଦାଣ୍ଡ ପିଣ୍ଡାରେ ବସି ଅପେକ୍ଷା କରିଥା'ନ୍ତି କେତେବେଳେ ମାମୁ ଆସିବେ ! ମା' ଘରେ ରୋଷେଇବାସ କରିବାରେ ଲାଗି ପଡ଼ି ଥାଆନ୍ତି। ମାମୁଙ୍କ ଆସିବା ଡେରି ହେଉଥିବା ଦେଖି ପିଲାଙ୍କର ଉତ୍କଣ୍ଠା ବଢୁଥାଏ। ସେମାନେ ଥରକୁଥର ଆସି ମା'କୁ ପଚାରୁ ଥାଆନ୍ତି ମାମୁ କେତେବେଳେ ଆସିବେ ? ମା' ବି ପିଲାଙ୍କୁ ବୁଝାଇବା ପାଇଁ କହି ଦେଉଥାନ୍ତି ହଁ, ଆସୁଥିବେ ଅପେକ୍ଷା କର।

ଏତିକି ବେଳେ ଦାଣ୍ଡରେ ସାଇକେଲ ଘଣ୍ଟି ବାଜିବା ଶୁଣି ରିଙ୍କୁ ରେଣୁ ଧାଇଁ ଗଲେ। ମାମୁଙ୍କୁ ଦେଖି ପ୍ରଣାମ କଲେ। ମାମୁଙ୍କ ହାତ ଧରି ଘର ଭିତରକୁ ନେଇ ଆସିଲେ। ମାମୁ କହିଲେ ଆସିବା ବାଟରେ ତାଙ୍କ ସାଇକେଲଟି ଖରାପ ହୋଇଗଲା। ତାକୁ ଠିକ୍ କରାଇ ଆଣିବା ଯୋଗୁଁ ଏତେ ଡେରି ହୋଇଗଲା। ମା' ମାମୁଙ୍କୁ ହାତ ଗୋଡ଼ ଧୋଇ ହେବାକୁ କହି ପିଇବା ପାଇଁ ସରବତ ଦେଲେ। ତା' ପରେ ମାମୁ ତାଙ୍କ ବ୍ୟାଗ ଖୋଲି ମାଈଁ ପଠାଇଥିବା ପିଠାପଣା, ଏଣ୍ଡୁରି ଆରିସା ବାହାର କଲେ। ତା' ସହ ଲଡୁ ପେଡା ଦେଖି ରିଙ୍କୁ ରେଣୁଙ୍କ ପାଟିରୁ ଲାଳ ଗଡ଼ିବା ଆରମ୍ଭ ହୋଇଗଲା। ଦୁହିଁଙ୍କ ଆନନ୍ଦର ସୀମା ନଥିଲା ଯେବେ ମାମୁ ପଢୁଆଁ ରିଙ୍କୁ ପାଇଁ ନୂଆ ପ୍ୟାଣ୍ଟସାର୍ଟ ଆଣିବା ସହ ରେଣୁ ପାଇଁ ବି ନୂଆ ଜାମାଟିଏ ବ୍ୟାଗ୍‌ରୁ ବାହାର କରି ଦେଖାଇଲେ। ଘରେ ବାପା ମା' ମାମୁଙ୍କ ସହ ମିଶି ରିଙ୍କୁ ଏବଂ ରେଣୁ ମଧ୍ୟାହ୍ନ ଭୋଜନ କଲେ। ଉପର ଓଳି ମାମୁ ତାଙ୍କ ଘରକୁ ଫେରି ଯିବା ଯାଏ ରିଙ୍କୁ ଏବଂ ରେଣୁ ତାଙ୍କ ପାଖ ଛାଡୁ ନଥାନ୍ତି। ମାମୁ ତାଙ୍କ ଘରକୁ ଆସୁଥିବାରୁ ପ୍ରଥମାଷ୍ଟମୀ ଦିନଟି ରିଙ୍କୁ ଏବଂ ରେଣୁ ଙ୍କ ପାଇଁ ବଡ଼ ଖୁସିର ଦିନ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

### ସଫଳତା
**ସୁଦର୍ଶନ ମହାପାତ୍ର**

ହାରିବା ଜିତିବା ବଡ଼କଥା ନୁହେଁ
ଲଢ଼ିବାକୁ ଭାବ ବଡ଼
ହାରିଗଲେ ଥରେ ନୂଆ ଆଶା ନେଇ
ନିଜକୁ ସୁଦୃଢ଼ କର ।

ଥରେ ହାରିଯାଇ ଉଦାସୀନ ହେଲେ
ଆଗକୁ ବଢିବା କଷ୍ଟ
ଚେଷ୍ଟା ଆଉ ନିଷ୍ଠା ରଖିଲେ ଅତୁଟ
ଫଳ ଦେବେ ନିଷ୍ଠେ ଇଷ୍ଟ ।

ଚାଲି ଶିଖିବାକୁ ଶିଶୁ ଟିଏ ଦେଖ
କେଇବାର ପଡ଼ି ଉଠେ
ଶିକାର କେବେ କି ଆସେ ସିଂହ ପାଶେ
ଶୋଇଥିବ ଯେବେ ମଠେ ?

ଅଭ୍ୟାସ ବଳରେ କଷ୍ଟଲବ୍ଧ କାମ
ହୋଇଯାଏ ସାବଲୀଳ
ମିଳିଯାଏ ପରା ସଫଳତା ସ୍ୱାଦ
ସାଥେ ଖୁସି ଅବିରଳ ।

'ମରା' 'ମରା' ଜପି ପାପୀ ରତ୍ନାକର
ହୋଇଲା ବାଲ୍ମୀକି ଋଷି
ହାରି ଆଠଥର ଲିଙ୍କନ୍ ଥିଲେଟି
ଆମେରିକା ରାଷ୍ଟ୍ରପତି ।

ପଙ୍ଗୁ ଲଂଘିପାରେ ସୁଉଚ୍ଚ ପର୍ବତ
ନିୟତ ପ୍ରଚେଷ୍ଟା ବଳେ
ହାର ମାନିଗଲେ ଭବିଷ୍ୟ ଅନ୍ଧାର
ଦୁଃଖ ଭୋଗ କାଳେ କାଳେ ।

ସୁନା ଝଟକଇ ନିଆଁରେ ପଡ଼ିଲେ
ଫୁଟି ଉଠେ ଉଜ୍ଜ୍ୱଳତା
ବାଧାବିଘ୍ନ ସବୁ କଲେ ଅତିକ୍ରମ
ମିଳେ ଯାଇ ସଫଳତା ।

+କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

### ଝୁମୁରୁ ଝାଇଁ...
**ରାମଚନ୍ଦ୍ର ବେହେରା**

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ପୋଢ଼ୁହାଁ ଅଷ୍ଟମୀ ଆସିଛି ଧାଇଁ
ହସୁଛି ଉତ୍କଳ ଭୂଇଁ
ଜ୍ୟୈଷ୍ଠ ସନ୍ତାନର ପୂଜାବିଧି ହେବ
ଶଂଖ ହୁଳହୁଳି ଦେଇ।

ମାମୁଁ ଆଣିଛନ୍ତି ନୂଆ ବସନ
ଅରୁଆ ଚାଉଳ ପୁଷ୍ପ ଚନ୍ଦନ
ଆମ କୁନା ଭାଇ ପାଇଁ
ଆମ ପରିବାରେ ସିଏ ପରା ବଡ
ତା' ଆଖିକୁ ନିଦ ନାହିଁ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ସକାଳୁ ସଅଳ ଉଠିଛି ସେହି
ହେବ ତା'ର ବନ୍ଦାପନା
ସେଥିପାଇଁ ମାଆ ସକାଳ ପ୍ରହରୁ
କରୁଛନ୍ତି ପିଠା ପଣା।

ବନ୍ଦାପନା ପରେ ଶ୍ରଦ୍ଧାରେ ଯାଇଁ
ବରିଷ୍ଠ ଜନଂକ ଚରଣ ଛୁଇଁ
ମାଗିବ କରୁଣା ବାରି
ଦୀର୍ଘାୟୁ କାମନା କରିବେ ବରିଷ୍ଠ
ସ୍ନେହ ଶୁଭାଶିଷ ଢାଳି।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ପରିବାର ରକ୍ଷା ଜ୍ୟୈଷ୍ଠ କରଇ
ଏ ପର୍ବ ଦିଅଇ ମାନ
ଜ୍ୟୈଷ୍ଠ ରଖିଥାଏ କୁଳର ସମ୍ମାନ
ଆପଣାଇ ଧର୍ମ ଜ୍ଞାନ।

ମାଆ କରୁଛନ୍ତି ଏଣ୍ଡୁରୀ ପିଠା
ମହ ମହ ବାସ ସୁଆଦ ମିଠା
ଆସ ଏ ପର୍ବ ପାଳିବା
ଜ୍ୟୈଷ୍ଠ ସନ୍ତାନକୁ ସନମାନ ଦେଇ
ଏଣ୍ଡୁରୀ ପିଠା ଖାଇବା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬





### ନଯିବା ଏହା ଭୁଲି
**ସୁନୀଲ କୁମାର ପ୍ରଧାନ**

ବଗର ଥଣ୍ଟ ଲମ୍ବ
ବିପଦ ଆସିଲେ ଡରି ନଯିବା
ମନରେ ରଖି ଦମ୍ଭ ।

କାଉର ଦେହ କଳା
ଆଇ ହାତରେ ତୁଳସୀ ମାଳରେ
କରିଛି ଜପା ମାଳା ।

ଭାଲୁ ଦେଖିଲେ ଭୟ
ବିଦ୍ୟାଳୟ ଆମେ ନିଇତି ଯିବା
ପାଠରେ ଦେବା ଲୟ ।

କୋଇଲି ସ୍ୱର ମିଠା
ପାଠରେ ଯଦି ରହିଥିବ ମନ
ନହେବା ହଟହଟା ।

ପତର ରଙ୍ଗ ନୀଳ
ଅପଚୟ ଆମେ କରିବା ନାହିଁ
ସାଇତି ରଖ ଜଳ ।

ଶାରୀ କହୁଛି ରାମ
ବାପା ମାଆଙ୍କ ଶ୍ରୀପାଦକୁ ଛୁଇଁ
ହୋଇବା ଆମେ ନମ ।

ମନ୍ଦାର ଫୁଲ ନାଲି
କାଲିର କାମ ଆଜି କରିବାରେ
ନଯିବା ଏହା ଭୁଲି ।

+ଝାଟିପଦର, ପାଲୁର ,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

### ଭଲ ପିଲା ହେବା ଆସ
**ଧ୍ରୁବ ଚରଣ ବେହେରା**

ଭଲ ପିଲା ହେବା ଆସ ଭାଇମାନେ
ଭଲ ପିଲା ହେବା ଆସ
ଭଲ ପାଠ ପଢି ଦେଶ ଜାତି ପାଇଁ
ଆଗେଇ ନେବା ଏ ଦେଶ ।।

ଶାନ୍ତି ଦୟା କ୍ଷମା ମନେ ବହିକରି
ବିନୟୀ ଭାବନା ରଖି
ଗୁରୁଜନ ପ୍ରତି ଦେଖାଇବା ଭକ୍ତି
ଏହା ହେଉ ଆମ ଉକ୍ତି ।।

କଥାରେ ନ କହି କାର୍ଯ୍ୟରେ ଦେଖାଇ
କରିଯିବା ଭଲ କାମ
ଭଲ କାମ କଲେ ଦୁନିଆ ଗାଇବ
ଆମରି ଛୋଟିଆ ନାମ ।।

ଆମେ ସବୁ ଯେତେ ଭାଇ ଭଉଣୀଏ
ଟିକି ଟିକି କାଠ ସମ
ଏକାଠି ହୋଇଲେ ବଢିଯିବ ଶକ୍ତି
ବଳ ତା' ଲାଗିବ ଦୃମ ।।

ଦେବା ନାହିଁ କେବେ କାହାମନେ କଷ୍ଟ
ମାନବତା ଗୁଣ ବହି
ଗାଆଁ ଠୁ ସହର ରାଜ୍ୟ ଠାରୁ ଦେଶ
ଏହି ମୋ ଭାରତ ଭୂଇଁ ।।

+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

### ରହିଅଛି ରହିଥିବ
**କୀର୍ତ୍ତନ ସାହୁ**

ରହି ଅଛି ଆମ ମାଆର ମମତା
ରହି ଥିବ ସବୁ ଦିନ
ଦିନୁ ଦିନ ଯେତେ ବଡ ହୋଇଲେ ବି
କେବେ ଆମେ ନୁହେଁ ହୀନ ।

ବାପାଙ୍କର ଗାଳି ଆକଟ ଭିତରେ
ହୃଦୟରେ ମିଠା ପଣ
ଆଗକୁ ଆଗକୁ ବଢିବା ପାଇଁକି
ଛାତିକୁ ସେ କରେ ଟାଣ ।

ପରିବାର ମଧ୍ୟେ ଶ୍ରଦ୍ଧାର ବନ୍ଧନ
ରହି ଅଛି ସିନା ଏବେ
ଦୃଢ଼ କରି ଆମେ ଧରି ରଖିଲେରେ
ଛିଡି ଯିବ ନାହିଁ କେବେ ।

ମାଟି ମାଆ ଆମ ପାଖେ ପାଖେ ଅଛି
ଆଗକୁ ବି ରହି ଥିବ
ଆଦର କରିକି ଯତନ ନେଲେରେ
ଆମଠୁ କେବେ ନ ଯିବ ।

ରହି ଅଛି ଆମ ଦେଶ ପ୍ରତି ପ୍ରୀତି
ରହିବ ସେମିତି ହୋଇ
ଦୃଢ଼ ହୋଇ ଆମେ ରହି ଥିଲେ ଯାଇ
କେବେ ବି ଅନ୍ୟଥା ନୋହି ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ:୯୪୩୮୪୧୪୭୦୧

# ବାଲ ରକ୍ଷା ଭାରତ ତରଫରୁ ୟୁଏନସିଆରସି ସପ୍ତାହ ପାଳନ

କନ୍ଧମାଳ , ୨୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଲ ରକ୍ଷା ଭାରତ ଓ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ୟୁଏନସିଆରସି ସପ୍ତାହ ପାଳନ କରାଯାଇଥିଲା। ଏହି ବର୍ଷର ବାର୍ତ୍ତା, 'ଭବିଷ୍ୟତକୁ ଶୁଣନ୍ତୁ' (ଲିସେନ ଟୁ ଦ ଫ୍ୟୁଚର) ବାବଦରେ ଆଲୋଚନା ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ବ୍ଲକ ଅଧକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତି ଜ୍ୟୋସ୍ନାରାଣୀ ମଲ୍ଲିକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ଶିବାରାଣୀ ମଲିକ ଯୋଗ ଦେଇଥିଲେ। ସେମାନେ ଜଳବାୟୁ ପରିବର୍ତ୍ତନ, ଶିଶୁ ଅଧିକାର ଏବଂ ସମାଜରେ ସଚେତନତା ସୃଷ୍ଟିର ଆବଶ୍ୟକତା ବିଷୟରେ ନିଜର ମତ ରଖିଥିଲେ। ବାଲ ରକ୍ଷା ଭାରତର ଖଜୁରୀପଡା ସ୍ଥିତ ଯୁବ ପ୍ରତିନିଧିମାନେ ମଧ ଏହି କାର୍ଯ୍ୟକ୍ରମରେ ସହଭାଗୀ ହୋଇଥିଲେ ଓ ନିଜ ଆଂଚଳିକ ସମସ୍ୟାର ଡିମାଣ୍ଡ ଚାର୍ଟର ବ୍ଲକ ଅଧକ୍ଷାଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ଭୂମିକା ଅଭିନୟ, ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ଭାଷଣ ଦ୍ୱାରା ତାଙ୍କର ପ୍ରତିଭା ଦେଖାଇଥିଲେ। ବ୍ଲକ ଅଧକ୍ଷା ବାଲ ରକ୍ଷା ଭାରତଦ୍ୱାରା ନିଆ ଯାଉଥିବା ପଦକ୍ଷେପକୁ ପ୍ରସଂଶା କରିଥିଲେ।' ପୃଥିବୀର ସୁରକ୍ଷା ମୋର ଦାୟିତ୍ୱ' ଶୀର୍ଷକ ଦସ୍ତଖତ ଅଭିଯାନରେ ସମସ୍ତ ଅଂଶ ଗ୍ରହଣକାରୀ ମାନେ ନିଜର ଦସ୍ତଖତ ଦ୍ୱାରା ସମ୍ମତି ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଫଟୋ ବିକୃତ ଘଟଣାରେ ପୋଲିସର ତଦନ୍ତ ଆରମ୍ଭ

କେନ୍ଦୁଝର, ୨୨/୧୧ (ନି.ପ୍ର): କେନ୍ଦୁଝର ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଫଟ ଚିତ୍ର କୁ କାଳୀ ରେ ଅତି ବିକୃତ କର ।ଯାଇ ପ୍ରଦର୍ଶନ କରାଯିବା ଭଳି ଅତି କଦର୍ଯ୍ୟ ମାନସିକତାକୁ ଥାନାରେ ଏତଲା ପରେ ଏବେ ଆକ୍ସନ ମୁଡ ରେ ଆସିଛି ପୋଲିସ । ଆଜି ବୁଧବାର ଦିନ ପ୍ରାୟ ୧୧ ଟା ସମୟରେ ପୋଲିସ ର ଏକ ଟିମ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଙ୍କ ସରକାରୀ କାର୍ଯ୍ୟାଳୟକୁ ଯାଇ ସେଠାରେ କାଳୀ ରେ ବିକୃତ କରାଯାଇଥିବା ମୁଖ୍ୟମନ୍ତ୍ରୀ ଙ୍କର ଫଟ ଚିତ୍ର କୁ ନିରୀକ୍ଷଣ କରିବା ସହ ଜବତ କରିଥିଲେ ଏବଂ ଏଥି ସହ ଅଧିକାରୀ ଓ କର୍ମଚାରୀ ଙ୍କୁ ପଚରା ଉଚୁରା କରିଥିଲେ । ଏବେ ପୋଲିସର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ।

# ନିଖିଳ ଓଡିଶା ଗ୍ରାମପଂଚାୟତ ଶ୍ରମିକ ସଂଘ ତରଫରୁ ଜିଲ୍ଲାପାଳ ଅଫିସ ଘେରାଉ

ବଲାଙ୍ଗିର, ୨୨/୧୧ (ନି.ପ୍ର): ନିଖିଳ ଓଡ଼ିଶା ଗ୍ରାମପଂଚାୟତ ଶ୍ରମିକ ସଂଘ ତରଫରୁ ବଲାଙ୍ଗିର ଜିଲ୍ଲାପାଳ ଅଫିସ ଘେରାଓ କରାଯାଇଥିଲା । ଏଥିରେ ବିଦୁର କୁମ୍ଭାରଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଗ୍ରାମପଂଚାୟତରେ କାର୍ଯ୍ୟରତ ରାତ୍ର ଜଗୁଆଳି ଓ ସୁଇପର ଯୋଗ ଦେଇଥିଲେ । କୋଶଳ କଳା ମଣ୍ଡଳ ଠାରୁ ବାହାରି ଭାଗରିଥି ଛକ, ପୁରୁଣା ବସଷ୍ଟାଣ୍ଡ ଦେଇ ଜିଲ୍ଲାପାଳ ଅଫିସ ଆଗରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରି ପଂଚାୟତିରାଜ ମନ୍ତ୍ରୀ ଓଡିଶା ସରକାର ତଥା ସଚିବ ପଂଚାୟତରାଜ ବିଭାଗଙ୍କୁ ଜିଲ୍ଲାପାଳ ବଲାଙ୍ଗିର ଙ୍କ ମାଧମରେ ଦାବି ପ୍ରଦାନ କରାଯାଇଥିଲା । ଏବି ବିକ୍ଷୋଭରେ ମୁଖ୍ୟ ଅତିଥି ରାଜ୍ୟ ଏଆଇଟିୟୁସି ସାଧାରଣ ସଂପାଦକ ବିଜୟ ଜେନା ଯୋଗ ଦେଇଥିବା ବେଳେ ଜିଲ୍ଲା ଏଆଇଟିୟୁସି ସଭାପତି ତିର୍ଥ ପଧାନ, ସହ-ସଂପାଦକ ସାଏବୁ ନନ୍ଦ ଯୋଗ ଦେଇଥିଲେ । ଏଥିରେ ଗ୍ରାମ ପଂଚାୟତ ରେ କାର୍ଯ୍ୟରତ ରାତ୍ର ଜଗୁଆଳି / ସୁଇପରମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ, ମୃତ୍ୟୁକାଳିନ ସହାୟତା ରାଶି ପ୍ରଦାନ, ଅବସରକାଳିନ ଭତା ପ୍ରଦାନ କରାଯାଉ, ମାସିକିଆ ଭତା ପ୍ରଦାନ କରାଯାଉ ବୋଲି ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧରେ ଜିଲ୍ଲା ସଂପାଦକ ଶ୍ୟାମ ପଟେଲ, କଳାହାଣ୍ଡି ଜିଲ୍ଲାରୁ ଯୋଗ ଦେଇଥିଲେ ଲଳିତ ପରି, ବରଗଡ ଜିଲ୍ଲାର ଗଜାନନ ନାଗ, ସୋନପୁର ଜିଲ୍ଲାରୁ ସୁରେନ୍ଦ୍ର ଗୁରୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଜଗବନ୍ଧୁ ବେହେରା ଓ ବଲାଙ୍ଗିର ଜିଲ୍ଲାର ସମସ୍ତ ଗ୍ରା.ପ. ରାତ୍ର ଜଗୁଆଳି ଓ ସୁଇପର ଭାଇମାନେ ଯୋଗ ଦେଇଥିଲେ । ଆଗାମୀ ଦିନରେ ରାଜ୍ୟ ବିଧାନସଭା ଆଗରେ ବିକ୍ଷୋଭ କରାଯିବାକୁ ନିଷ୍ପତି ନିଆଯାଇଥିଲା ।

# ସୁଭଦ୍ରା ଯୋଜନା ପାଇଁ ଅଙ୍ଗନବାଡ଼ି କର୍ମୀ ଓ ହିତାଧିକାରୀ ହଟହଟା

ଗଞ୍ଜାମ, ୨୨/୧୧ (ନି.ପ୍ର): ସୁଭଦ୍ରା ଯୋଜନା ପାଇଁ ଅଂଗନବାଡି କର୍ମୀ କଂ ନାହିଁ ନଥିବା ହଟହଟା କହିଲେ ନସରେ। ଗଂଜାମ ଜିଲ୍ଲାକୁ ସୁଭଦ୍ରା ଯୋଜନା ଟଙ୍କା ପାଇନଥିବା ଶହଶହ ତାଲିକା ଆସିଯାଇଛି। ଫଳରେ ଜିଲ୍ଲା ପ୍ରଶାସନ ଅଂଗନବାଡିକର୍ମୀମାନକଂ ଉପରେ ଚାପ ସୃଷ୍ଟି କରୁଛନ୍ତି, ଆବେଦନ କରି ଥିବା ହିତାଧିକାରୀକୁ ଧରି ସେମାନକଂର ଯେଉଁ ବ୍ୟାଙ୍କ ଖାତାଅଛି ସେଠାକୁ ନେଇ ଡିବିଟିଲିଂକଓଆଧାର ଲିଂକ କର । ନଚେତ ଅଂଗନବାଡି କର୍ମୀକଂ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ଓ ସିଡିପିଓ ମାନେ ଧମକ ଦେଇଛନ୍ତି । ଫଳରେ ଅଂଗନବାଡିକର୍ମୀ ମହଲରେ ଗଭୀର ଅସନ୍ତୋଷ ଦେଖା ଦେଇଛି । ଏମାନଙ୍କ ମଧରୁ ଅନେକ ଆବେଦନ କାରୀ ଆବେଦନ ପରେ ଦାଦନ ଖଟିବାକୁ, ବାହାର ରାଜ୍ୟକୁ ଯାଇଛନ୍ତି । ଅନ୍ୟ କେତେକ ଆବେଦନକାରୀଙ୍କ ବ୍ୟାଙ୍କ ଏକାଉଂଟ ଜିଲାର ବିଭିନ୍ନ ବ୍ୟାଙ୍କରେ ରହିଛି। ୧୫, ୨୦ କିଲୋମିଟର ଦୂର ବ୍ୟାଙ୍କକୁ ହିତାଧିକାରୀଙ୍କୁ ନେଇ ଅଂଗନବାଡିକର୍ମୀ ଯାଇ ଆଧାର ଲିଙ୍କ କରିବା ସମ୍ଭବ ପରକି ? ଏଥିପାଇଁ ରାସ୍ତା ଖର୍ଚ୍ଚ ଅଂଗନବାଡିକର୍ମୀଙ୍କୁ ଦେବ କିଏ ? ଅନ୍ୟପକ୍ଷରେ ଏଥିପାଇଁ ଅନେକ ବ୍ୟାଙ୍କ କର୍ମଚାରୀ ମାନେ ହିତାଧିକାରୀ ଓ ଅଂଗନବାଡିକର୍ମୀ ମାନଙ୍କୁ ସହଯୋଗ ନକରି ବାରମ୍ବାର ବ୍ୟାଙ୍କକୁ ଦୌଡାଇ ହଟହଟା କରୁଥିଲେ ମଧ୍ୟ ପ୍ରଶାସନ ଓ ସରକାର ଏମାନଙ୍କୁ ନିୟନ୍ତ୍ରଣ କରିବା ଅଧିକାର ନଥିବା ଭଳି ମନେ ହେଉଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଅଂଗନବାଡିକର୍ମୀଙ୍କ ଉପରେ ମାରମାର ଭଣ୍ଡାରିଆକୁ ମାର ନୀତି ଅବଲମ୍ବନ କରାଯାଉଥିବାରୁ ଜନସାଧାରଣଙ୍କ ପକ୍ଷରୁ ଏହାର ତୀବ୍ର ନିନ୍ଦା କରାଯାଉଛି ।ଗଂଜାମ ଜିଲାପାଳ ଘଟଣାର ତର୍ଜମା କରିବାକୁ ଜନସାଧାରଣରେ ଦାବି ହେଉଛି ।

# ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ



ବାସୁଦେବପୁର, ୨୨/୧୧ (ନି.ପ୍ର): ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ନରସିଂହପୁର ଉ ପ୍ରା ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୟାଧର ମହାପାତ୍ର ସଭାପତିତ୍ୱ କରିଥିଲେ । ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଧାୟକ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଲେ ବିଜ୍ଞାନର ଜୟ ହେଉ । ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ଉନ୍ନତି ଓ ପ୍ରଗତି ର ପଥରେ ଚାଲିଛନ୍ତି । ଭାରତ ବର୍ଷର ପ୍ରଖ୍ୟାତ ବୈଜ୍ଞାନିକ ଡକ୍ଟର ଅବଦୁଲ୍ କଲାମଙ୍କ ସ୍ୱପ୍ନ ଓ ଲକ୍ଷ୍ୟ କୁ ଶ୍ରୀ ଦାସ ଆଲୋଚନା କରିଥିଲେ । ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ବେତଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ, ଇଂଜିନିୟର ଭାଗିରଥି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଜ୍ଞାନ ମେଳାର ବିଚାରକ ଭାବେ ଶ୍ରୀକାନ୍ତ ପାକଳ ଓ ଦୈତାରୀ ବେହେରା ଯୋଗ ଦେଇ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ । ନରସିଂହପୁର ଉ ପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉଚ୍ଚ ବିଦ୍ୟାଳୟ ର ସହକାରୀ ଶିକ୍ଷକ ହରେକୃଷ୍ଣ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଧାନ ଶିକ୍ଷକ ରମାକାନ୍ତ ଷଣ୍ଢ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୩୨ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା । ଏହି ଅବସରରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା । ଏହି ଉତ୍ସବକୁ ଶିକ୍ଷକ ଶିକ୍ଷୟତ୍ରୀ ଆରତି ଲତା ଧର, ଆରତି ନାୟକ, ମିନତି ପଣ୍ଡା, ଦୟାନିଧି ପଲାଇ, ଭାନୁମତୀ ଶଙ୍ଖୁଆ, ସସ୍ମିତା ବାରିକ୍ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ସେଲ, ରାଉରକେଲା ଇସ୍ପାତ କାରଖାନାର ପଞ୍ଚମ ବ୍ଲାଷ୍ଟ ଫର୍ଣ୍ଣେସ୍‌ର ଅଭିନବ ସ୍କାଫୋଲ୍ଡିଂ ସମାଧାନ ଦ୍ୱାରା ପାଇପ୍ କନଭେୟର ସ୍ତମ୍ଭର ସମଯୋଚିତ ମରାମତି



ରାଉରକେଲା, ୨୧/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ପଞ୍ଚମ ବ୍ଲାଷ୍ଟ ଫର୍ଣ୍ଣେସ୍ ରେ ସଫଳତାର ସହ ଏକ ଗୁରୁତ୍ୱପୂର୍ଣ୍ଣ ମରାମତି ପ୍ରକଳ୍ପ ଆରମ୍ଭ କରାଯାଇଛି ଯାହା ଦ୍ୱାରା କୋକ ଓଭେନ ବ୍ୟାଟେରୀ – ୬ ରୁ ପଞ୍ଚମ ବ୍ଲାଷ୍ଟ ଫର୍ଣ୍ଣେସ୍ ଷ୍ଟକ୍ ହାଉସ ପର୍ଯ୍ୟନ୍ତ କୋକ୍ ପରିବହନ କରୁଥିବା ୧ କିଲୋମିଟର ବ୍ୟାପୀ ଲମ୍ବା ପାଇପ୍ କନଭେୟରଗୁଡିକର ସୁରକ୍ଷା ଏବଂ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇଛି। ଏଥିରେ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହାୟକ ବ୍ୟବସ୍ଥା ଟ୍ରେଷ୍ଟଲ୍ -୧ ର ସଂରଚନା ଯାହା ଭୂପୃଷ୍ଠ ରୁ ୪୨ ମିଟର ଉଚ୍ଚତାରେ ଅବସ୍ଥିତ, ତାହାର ସମାଧାନ ଉପରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟର ଜଟିଳତା ଏବଂ ଉଚ୍ଚତାକୁ ଦୃଷ୍ଟିରେ ରଖି କଠିନ କାର୍ଯ୍ୟର ପ୍ଲାଟଫର୍ମ ବ୍ୟବସ୍ଥା କରିବା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଥିଲା। ଏଥିପାଇଁ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ଓ ଆରସି (ଏମ) ବିଭାଗର ସହଯୋଗିତାରେ ଏହାର ସମାଧାନ ପାଇଁ ଯୋଜନା କରାଯାଇଥିଲା । ଏହାର ଏକ ଯୁଗ୍ମ ନିରୀକ୍ଷଣ ପରେ, ଆରସି (ଏମ୍) ବିଭାଗ ତୁରନ୍ତ ଏକ ସୁଦୃଢ ସ୍କାଫୋଲ୍ଡିଂ ଉପଲବ୍ଧ କରିଥିଲା। ଆରସି (ଏମ୍) ବିଭାଗ ର ଟିମ୍ ଅନ୍ୟ ସାଇଟଗୁଡିକରୁ ୧୫ ଟନ୍ ବିଶିଷ୍ଟ ସ୍କାଫୋଲ୍ଡିଂ ସାମଗ୍ରୀ ସଂଗ୍ରହ କରି ନଭେମ୍ବର ୧୧ ତାରିଖ ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମ ସ୍ତରର ସ୍କାଫୋଲ୍ଡିଂ କାର୍ଯ୍ୟ ସମାପ୍ତ ହୋଇଛି, ଯେଉଁଥିରେ ବ୍ଲାଷ୍ଟ ଫର୍ଣ୍ଣେସ୍ ମେକାନିକାଲ୍ ଦଳ ଏହି ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସକ୍ଷମ ହୋଇଛନ୍ତି। ଏହି କାର୍ଯ୍ୟରେ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଜିଏମ ଶ୍ରୀ କେ ପି ମିଶ୍ର, ଆର ସି (ଏମ) ବିଭାଗର ଏଜିଏମ ଶ୍ରୀ ଏସ୍ ଅଖତର, ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଏଜିଏମ ଶ୍ରୀ ଅମିତ ନାୟକ, ଆରସି(ଏମ୍) ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଆଇ ଭେଙ୍ଗାଙ୍କ ଭଳି ବହୁ ବରିଷ୍ଠ ଅଧିକାରୀ ତଥା ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡି ଏସ ଓ ଏବଂ ଏ ଏସ ଓ ସିଧାସଳଖ ତଦାରଖ କରିଥିଲେ। ମେକାନିକାଲ ବିଭାଗର ସି ଜି ଏମ ଶ୍ରୀ ଆର ଏନ ରାଜେନ୍ଦ୍ରନ ଙ୍କ ନେତୃତ୍ୱ ତଥା ଆର ସି (ଏମ) ବିଭାଗ ର ଜି ଏମ ଇନ ଚାର୍ଜ ଶ୍ରୀ ଜୟଦୀପ ସେଠୀଙ୍କ ମାର୍ଗଦର୍ଶନରେ ସେଲରେ ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ମରାମତି କେନ୍ଦ୍ରୀତ ସ୍କାଫୋଲ୍ଡିଂ ସେବା ଚୁକ୍ତିନାମାର ରଣନୈତିକ ଉପଯୋଗିତାକୁ ଏହି କାର୍ଯ୍ୟ ଦର୍ଶାଇଛି । ଏହି ଚୁକ୍ତିନାମା ୨୦୨୩ ମସିହା ମଇ ୨୩ ରେ ଚୂଡାନ୍ତ ହୋଇଥିଲା । ଏହି ଚୁକ୍ତିନାମା ରୂପାନ୍ତରଣ ଆଣିଛି ଯାହା କାରଖାନାର ବିଭିନ୍ନ ବିଭାଗରେ ୫୩୨ ଟି କାର୍ଯ୍ୟସୁରକ୍ଷା ଏବଂ ଦକ୍ଷ କାର୍ଯ୍ୟକାରିତାକୁ ସକ୍ଷମ କରିଛି ।

# ଭୋଟର ସଚେତନତା ରଥ ଉଦ୍‌ଘାଟିତ

ପୁରୀ, ୨୨ /୧୧ (ନି.ପ୍ର): ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରୁ ଭୋଟର ସଚେତନତା ରଥ ର ଉଦଘାଟନ କରାଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ସଚେତନତା ରଥକୁ ପତାକା ଦେଖାଇ ଉଦଘାଟନ କରିବା ସହ ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ଭୋଟର ତାଲିକାରେ ସଂଶୋଧନ ଇତ୍ୟାଦି ପାଇଁ ଏହି ରଥ ସମଗ୍ର ଜିଲ୍ଲା ପରିକ୍ରମା କରି ସଚେତନ କରାଇବ ବୋଲି କହିଥିଲେ।ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ,ଡେପୁଟି କଲେକ୍ଟର ସୁଶାନ୍ତ କୁମାର ପଟ୍ଟନାୟକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# କେନ୍ଦ୍ରୀୟ ଦଳର ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ ଓ ତଦାରଖ

ଜୟପୁର, ୨୨/୧୧ (ନି.ପ୍ର): ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତେ ଅନ୍ୟାନ୍ୟ ଗ୍ରାମାଂଚଳର ପ୍ରାଥମିକ କେନ୍ଦ୍ର ଗସ୍ତ ବେଳେ ଯାଂଚ ଓ ତଦାରଖ କରିଥିଲେ । ଏହି ଦଳ ଦୁଇଟି ଭାଗରେ ବିଭକ୍ତ ହୋଇ ବିଭିନ୍ନ ଗୋଷ୍ଠୀ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଦଳ ଯାଂଚ ତଦାରଖ ରିପୋର୍ଟକୁ ଭିତି କରି ଓଡିଶା ରାଜ୍ୟର ସ୍ୱାସ୍ଥ୍ୟ ସେବା ଭିତିଭୂମି ଉନ୍ନତୀକରଣ ପାଇଁ କେନ୍ଦ୍ର ସରକାର ପାଣ୍ଠି ପ୍ରଦାନ କରିବେ । କମନ ରିଭ୍ୟୁ ମିସନ (ସି.ଆର.ଏମ) ନାମକ ଏହି ଦଳରେ କମିଶନର ସ୍ତରୀୟ ୮ଜଣ ଅଧିକାରୀ ରହିଛନ୍ତି। ଆଜି ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟ ଗସ୍ତ ବେଳେ ଏହି ୮ଜଣିଆ ଦଳର ମୁଖ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପ କମିଶନର ଡା. ଜୟା ଅଲ୍ଲି ରିଜଭି, ଉପଦେଷ୍ଟା ଡା. ଶଶାଙ୍କ କୁମାର, କର୍ଣ୍ଣାଟକ ରାଜ୍ୟ ମଧୁସୂଦନ ସାଇ ମେଡିକାଲ କଲେଜ ତଥା ପ୍ରତିଷ୍ଠାନର ପ୍ରଫେସର ଡା. ଦୀପା ଏଲ.ଏନ ଏବଂ ଆର୍ଥିକ ବିଶ୍ଳେଷର ବିଶେଷଜ୍ଞ ସତ୍ୟଜିତ୍ ସାହୁ ୪ ଜଣ ଏହି ଦଳରେ ସାମିଲ ରହିଥିଲେ। ଏହି ଦଳ ଦୀର୍ଘ ୩ ଘଂଟା ପର୍ଯ୍ୟନ୍ତ ଜିଲ୍ଲା ଚିକିତ୍ସାଳୟର ସମସ୍ତ ବିଭାଗ, ଅସ୍ତ୍ରପୋଚାର କକ୍ଷ, ପରିସର ଏବଂ ଅନ୍ୟାନ୍ୟ ଭବନ ପରିଦର୍ଶନ କରିଥିଲେ । ଏହି ଅବସରରେ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଡା. ବରଦା ପ୍ରସାଦ ମିଶ୍ର, ଜିଲ୍ଲା ଚିକିତ୍ସାଳୟ ଅଧିକ୍ଷକ ଡା. ରବିନ୍ଦ୍ରନାଥ ମିଶ୍ର, ଅନ୍ୟାନ୍ୟ ବିଭାଗିୟ ଅଧିକାରୀ , କର୍ମଚାରୀ ଏବଂ ଡାକ୍ତର ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଏବଂ ଭିତିଭୂମିର ତଦାରଖ କରିବାକୁ ଏହି କେନ୍ଦ୍ରୀୟ ଦଳ ଓଡିଶା ଗସ୍ତରେ ରହିଛନ୍ତି । ଗତକାଲି ଠାରୁଏହି ଦଳ ଗସ୍ତ ଆରମ୍ଭ କରିଥିବା ବେଳେ ଗୁରବାର ଦିନ ଶେଷ ହେବ, ଦୁଇଟି ଦଳ ମଧ୍ୟରୁ ଗୋଟିଏ ଦଳ ଆଜି ପୂର୍ବାହ୍ନରେ କୋରାପୁଟ ଜିଲ୍ଲାର ସଦରମହକୁମା ଉପଖଣ୍ଡର ଏବଂ ଜୟପୁର ଉପଖଣ୍ଡର ଜିଲ୍ଲା ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତ କରିବେ । ଏହି ଦଳ ସଫେଇ ଓ ପରିମଳ ବ୍ୟବସ୍ଥା ଉପରେ ଅଧିକ ଗୁରତ୍ୱ ପ୍ରଦାନ କରାଯାଉଥିବା ବେଳେ କର୍ମଚାରୀ ଏବଂ ଚିକିତ୍ସାଳୟକୁ ଆସୁଥିବା ରୋଗିଙ୍କ ସମ୍ପର୍କିୟଙ୍କ ବାଇକ ପାର୍କିଂ ସ୍ଥଳରେ ବେଆଇନ ଭାବେ ପାର୍କିଂ କରାଯାଉଥିବା ଅଟୋ ଏବଂ ଅନ୍ୟାନ୍ୟ ଚାରିଚକିଆ ଯାନକୁ ହଟାଯାଇଥିଲା । ସେହିପରି ଜିଲ୍ଲା ଚିକିତ୍ସାଳର ପାଚେରୀ ଏବଂ ସମ୍ମୁଖରେ ରହିଥିବା ନିର୍ମାଣଧିନ ଆଇ.ଟି ପାର୍କ ଏବଂ ଜାତୀୟ ରାଜପଥ ପାଚେରୀକୁ ଲାଗି ରହିଥିବା ଅସ୍ଥାୟୀ ଦୋକାନୀ ମାନଙ୍କୁ ମଧ ହଟାଯାଇଥିଲା । ଏହିପରି ସୁବ୍ୟବସ୍ଥାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହିପରି କେନ୍ଦ୍ରୀୟ ଦଳର ଗସ୍ତ ସମୟରେ ଯେଉଁଭଳି ବ୍ୟବସ୍ଥା କରାଯାଉଛି ଏହା ସବୁଦିନ ରହିଲେ ଲୋକ ଉପକୃତ ହୋଇ ପରିଥାନ୍ତେ କେନ୍ଦ୍ରୀୟ ଦଳର ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ ଓ ତଦାରଖ କରିଥିଲେ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଭିତିଭୂମିର ତଦାରଖ ଏବଂ ଯାଂଚ ପାଇଁ କେନ୍ଦ୍ର ସରକାରଙ୍କ ଏକ ୮ ଜଣିଆ ଅଧିକାରୀ ସ୍ତରୀୟ ପ୍ରତିନିଧି ଦଳ ଗତକାଲି ଠାରୁ ୩ଦିନିଆ ଗସ୍ତ ରେ କୋରାପୁଟ ଜିଲ୍ଲାକୁ ଆସିଛନ୍ତି । ଆଜି ଦ୍ୱିତୀୟ ଦିବସରେ ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟ ସମେତେ ଅନ୍ୟାନ୍ୟ ଗ୍ରାମାଂଚଳର ପ୍ରାଥମିକ କେନ୍ଦ୍ର ଗସ୍ତ ବେଳେ ଯାଂଚ ଓ ତଦାରଖ କରିଥିଲେ ।

# ନିଳାଗୁଡା ଓ କଳାଗୁଡାରେ ଅବକାରୀ ଚଢ଼ଉ

ଜୟପୁର, ୨୨/୧୧ (ନି.ପ୍ର): ଦେଶି ମଦ ପ୍ରସ୍ତୁତି ସହ ଲୁଚାଇ ରଖିଥିବା ସୂଚନା ପାଇ ଆଜି ସକାଳ ୬ଟାରେ ମିଳିତ ଅବକାରି ଚଢଉ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା, ନିଳାଗୁଡା ପାହାଡରେ ଚଢଉ କରିଛି । ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ, ଅବକାରି ଥାନା, ସଦର ପୋଲିସ ଓ ଅବକାରି ସେଟେଲାଇଟ ୟୁନିଟ ତରଫରୁ ମିଳିତ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୭୦ ଲିଟର ମଦ ଓ ୧୪ ଶହ ୫୦ ଲିଟର ପୋଚ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ, ଡ୍ରାମ ଆଦିକୁ ଜବତ କରିଥିବା ବିଷୟ ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ପୁରୀରେ ଡିସେମ୍ବର ୪ରେ ନୌସେନା ଦିବସ ପାଳନ ହେବ

ପୁରୀ, ୨୨/୧୧ (ନି.ପ୍ର): ଡିସେମ୍ବର ୪ ତାରିଖରେ ପୁରୀ ରାଜଭବନ ନିକଟସ୍ଥ ବ୍ଲୁ ଫ୍ଲାଗ ବିଚ ବେଳାଭୂମି ଠାରେ ନୌସେନା ଦିବସ ବା ନାଭି ଡେ ପାଳନ ହେବ। ଏଥିରେ ନୌସେନା ର ବିବିଧ କାର୍ଯ୍ୟକ୍ରମ ପ୍ରଦର୍ଶନ ସହ ଚିତାକର୍ଷକ ଏୟାର ସୋ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। ଜଳ ଜାହାଜ ମାଧମରେ ଓ ଆକାଶ ମାର୍ଗରେ ଦୁଃସାହସିକ କୌଶଳ ପ୍ରଦର୍ଶନ କରାଯିବ। ଏୟାର ସୋ ଅନୁଷ୍ଠିତ ହେଉଥିବା ସମୟରେ ସଂପୃକ୍ତ ଅଂଚଳରେ ପକ୍ଷୀ ମାନେ ଉଡିବା ଦ୍ୱାରା ବିମାନଗୁଡିକ ପାଇଁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ।ଏ କ୍ଷେତ୍ରରେ ସାଧାରଣ ବ୍ୟକ୍ତି, ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏଣୁ ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ, ବ୍ୟବସାୟୀଙ୍କୁ ଅନୁରୋଧ କରାଯାଉଛି ଯେପରି ସେମାନେ କୌଣସି ଖାଦ୍ୟ ପଦାର୍ଥ କିମ୍ୱା ବର୍ଜ୍ୟବସ୍ତୁ ସେମାନଙ୍କର ଛାତ ଉପରେ କିମ୍ବା ଗଳିକନ୍ଦିରେ ନଭେମ୍ବର ୨୮ ତାରିଖ ଠାରୁ ଏୟାର ସୋ କାର୍ଯ୍ୟକ୍ରମ ଶେଷ ଅର୍ଥାତ ଡିସେମ୍ବର ୪ ତାରିଖ ସଂଧ୍ୟା ପର୍ଯ୍ୟନ୍ତ ପକାଇବେ ନାହିଁ। ସେହିପରି ପ୍ରଶାସନ ପକ୍ଷରୁ ନଭେମ୍ବର ୨୮ ତାରିଖ ଠାରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଡ୍ରୋନ ଉଡାଇବା ଉପରେ କଟକଣା ଲାଗୁ କରାଯାଇଛି।ଏହି ଚିତାକର୍ଷକ କାର୍ଯ୍ୟକ୍ରମକୁ ପେଣ୍ଟକଟା ସମୁଦ୍ର କୂଳ ଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଉପସ୍ଥିତ ରହି ଉପଭୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ସମସ୍ୟା ଘେରରେ ବାଗ୍ରୀଆ ଗୁଡା ପ୍ରାଥମିକ ବିଦ୍ୟାଳୟ

ମାଲକାନଗିରି, ୨୨/୧୧ (ନି.ପ୍ର): ରାଜ୍ୟର ଅନ୍ୟତମ ପଛୁଆ ଜିଲ୍ଲା ମାଲକାନଗିରି ସବୁବେଳେ ଶିକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥା କୁ ନେଇ ସର୍ବଦା ଚର୍ଚ୍ଚାରେ ରହି ଆସିଛି। ସରକାରୀ ସ୍ତରରେ ସମସ୍ତ ଉଦ୍ୟମ ସତ୍ୱେ ମାଲକାନଗିରି ଭଳି ଆଦିବାସୀ ଅଧୁଷିତ ଅଂଚଳରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ପରିଚାଳିତ ହେଉଥିବା ସର୍ବଶିକ୍ଷା ଅଭିଯାନ ସମ୍ପୂର୍ଣ ଭାବେ ଫେଲ ମାରିଛି ।କେଉଁଠି ପିଲା ନାହାନ୍ତି ତ କେଉଁଠି ପିଲା ପାଠ ପଢିବାକୁ ନିୟମିତ ସ୍କୁଲ ଆସୁଛନ୍ତି କିନ୍ତୁ ଶିକ୍ଷକ ଧାର୍ଯ୍ୟ ସମୟ ଭିତରେ ସ୍କୁଲକୁ ନଆସି ତାଙ୍କ ଇଚ୍ଛାରେ ମନ ମୁତାବକ ବିଦ୍ୟଳୟକୁ ଆସୁଥିବାରୁ ପିଲାମାନଙ୍କର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଟର୍ନେଲକ୍ୟାମ୍ପ ପଂଚାୟତ ତଥା ମହାଦେବ ପୁର ଆଂଚଳିକ ସାଧନ କେନ୍ଦ୍ର ଅଧିନସ୍ତ ବାଗ୍ରୀଆ ଗୁଡା ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟଟି କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହେଉଛି। ସୂଚନା ଥାଉକି ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଗତ-୨୦୦୬ ମସିହାରେ ବାଗ୍ରିଆ ଗୁଡା ଗ୍ରାମରେ ସ୍ଥାପିତ ହୋଇଥିଲା ଏହି ପ୍ରାଥମିକ ବିଦ୍ୟାଳୟ। ପ୍ରଥମରୁ ୫ମ ପର୍ଯ୍ୟନ୍ତ ବାଗ୍ରିଆ ଗୁଡା ଓ ଚନ୍ଦ୍ର ମଣ୍ଡଳ ଗ୍ରାମର ମୋଟ ୨୧ଜଣ ଛାତ୍ରୀ ଛାତ୍ର ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟରେ ଦୀର୍ଘମାସ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ପିଲାଙ୍କୁ ପାଠ ପଢ଼ାଇବା ପାଇଁ ପ୍ରଧାନ ଶିକ୍ଷକ ଭାବେ ରବି ନାରାୟଣ ବରାଡ଼ଙ୍କୁ ବିଭାଗ ପକ୍ଷରୁ ଦାଇତ୍ୱ ପ୍ରଦାନ କରାଯିବା ସହ ସହକାରୀ ଶିକ୍ଷକ ଭାବେ ବୀରେନ୍ଦ୍ର ଜାରିକାଙ୍କୁ ସେଠାରେ ନିଯୁକ୍ତ କରାଯାଇଛି। ଗତକାଲି ମଙ୍ଗଳବାର ଦିନ କୌଣସି କାରଣରୁ ସହକାରୀ ଶିକ୍ଷକ ଜାରିକା ଛୁଟିରେ ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବରାଡ଼ ଠିକ ସମୟରେ ସ୍କୁଲରେ ପହଂଚି ସ୍କୁଲ ଖୋଲି ବା କଥା। କିନ୍ତୁ ଗତକାଲି ଉକ୍ତ ବିଦ୍ୟାଳୟର ପିଲାମାନେ ସକାଳ ୧୦ଟାରେ ସ୍କୁଲରେ ପହଂଚି ଶ୍ରେଣୀ ଗୃହରେ ବସିଥିଲେ। ଦିନ ୧୨ଟା ପର୍ଯ୍ୟନ୍ତ ସେଠାରେ କୋଣସି ଶିକ୍ଷକ ପହଂଚି ନଥିଲେ। ଅତି ବିଡମ୍ବନାର ବିଷୟ ସ୍କୁଲର ଅଫିସ ରୁମରେ ରୋଷଇ ସାମଗ୍ରୀ ରଖାଯାଇ ଥିବାରୁ ଏବଂ ଉକ୍ତ ଘରେ ତାଲା ପଡିଥିବାରୁ ଦୁଇଜଣ ରୋଷେୟା ପିଲାଙ୍କ ପାଇଁ ମଧାହ୍ନ ଭୋଜନ ରାନ୍ଧିବା ପାଇଁ ସ୍କୁଲକୁ ଆସିଥିଲେ ମଧ ରୁମ ଚାବି ପାଇଁ ସାର ମାନଙ୍କ ଅପେକ୍ଷାରେ ପାୟ ଅପରାହ୍ନ ୧୨ ଟା ପର୍ଯ୍ୟନ୍ତ ନିରୁପାୟ ହୋଇ ସ୍କୁଲ ବାରଣ୍ଡାରେ ବସି ରହିଥିବା ଦେଖିବାକୁ ମିଳିଥିଲା । ଦିବା ପ୍ରାୟ ୧୧ ଟା ୪୫ମିନିଟ ସମୟରେ ବାଲିମେଳା ସହରର ଚକାଡୋଲା ନାମକ ଜଣେ ବ୍ୟକ୍ତି ଚାଲି ଚାଲି ଆସି ସ୍କୁଲରେ ପହଁଚି ହଠାତ ସ୍କୁଲ ଅଫିସ ଘରର ତାଲା ଖୋଲିଥିଲେ। ତେବେ ତମେ ଅଫିସ ଚାବି କାହାଠାରୁ ଆଣିଲ ବୋଲି ପଚାରିବାରୁ ସେ କହିଲେ ରବି ସାର ମୋତେ ସ୍କୁଲ ଚାବି ଦେଇ ଗାଁ ଛକରେ ଛାଡି କୁଆଡେ ଗଲେ ମୁଁ ଜାଣିନି ବୋଲି ଚକାଡୋଲା କହିଥିଲେ। ସୂଚନା ଥାଉକି ଏହି ସମୟ ମଧରେ ଟର୍ନେଲକ୍ୟାମ୍ପ ସରପଂଚ ସୀତାମା ମୁଦୁଲି ଘଟଣା ସମ୍ପର୍କରେ ଖବର ପାଇ ବିଦ୍ୟାଳୟର ସ୍ଥିତି ପରଖିବା ପାଇଁ ଉକ୍ତ ବିଦ୍ୟଳୟରେ ପହଂଚି ସାର ମାନେ କାହିଁକି ଏ ପର୍ଯ୍ୟନ୍ତ ସ୍କୁଲକୁ ଆସିନାହାନ୍ତି ବୋଲି ଦୁଇ ଜଣ ରୋଷେୟାଙ୍କ ଠାରୁ ପଚାରି ବୁଝିଥିଲେ। ବିଦ୍ୟଳୟରେ ଦିବା ୧୧ଟା ପର୍ଯ୍ୟନ୍ତ କୌଣସି ସାର ସ୍କୁଲକୁ ଆସିନଥିବା ଓ ପିଲାଙ୍କ ପାଇଁ ମାଧାନ୍ନ ଭୋଜନ ରୋଷେଇ ହୋଇନଥିବା ଘଟଣାକୁ ନେଇ ପୁରା ଖପ୍ପା ହୋଇଥିଲେ।

# ଖରିଫ ଋତୁର ଧାନ କ୍ରୟର ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ

ସମ୍ବଲପୁର, ୨୨/୧୧ (ନି.ପ୍ର): ଆଜି ମାନ୍ୟବର ମନ୍ତ୍ରୀ ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡ଼ିଶା ସରକାର କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏସ୍. ଏସ୍. ଏ. ସମ୍ମିଳନୀ କକ୍ଷରେ ଖରିଫ ଧାନ କିଣା ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମୀକ୍ଷା ବୈଠକ ରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ୍.), ପୂର୍ବତନ ବିଧାୟକ ନାଉରୀ ନାୟକ ଉପସ୍ଥିତ ଥିଲେ। ଉପରୋକ୍ତ ସଭାରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ୍.) ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ଏକ ଉପସ୍ଥାପନା (ପିପିଟି ପ୍ରେଜେନଟ୍ଟେଶନ) କରିଥିଲେ। ବୈଠକରେ ମାନ୍ୟବର ମନ୍ତ୍ରୀ ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ଆଜି ଓଡ଼ିଶାରେ ଧାନ କିଣା ଆରମ୍ଭ ହୋଇଛି, ସେ କୃଷକମାନଙ୍କୁ ଖୁସି ଦେଖିଛନ୍ତି। ପଶ୍ଚିମ ଓଡ଼ିଶାରେ ଧାନ ଚାଷ ବିପୁଳ ପରିମାଣରେ ହେଉଥିବାରୁ ଚାଷୀମାନେ ମଧ ଧାନ କିଣାକୁ ନେଇ ଉତ୍ସାହିତ ଅଛନ୍ତି। ସରକାର ଚାହୁଁଛନ୍ତି ଯେ ଚାଷୀଙ୍କୁ ପ୍ରତି କ୍ୱିଂଟାଲ ସର୍ବନିମ୍ନ ସହାୟତା ରାଶି(ଏମଏସପି) ୩୧୦୦ ଟଙ୍କା ମିଳିବ ଝ ଯିଏ ଧାନ ବିକ୍ରି କରିବ, ସେ ମଣ୍ଡିରେ ବିକ୍ରି କରିବ ଏବଂ ଯିଏ କିଣିବାକୁ ଚାହୁଁଛି ସେ ମଣ୍ଡିରେ ଧାନ କିଣିବ। ଯଦି ଦଲାଲଙ୍କ ବିଷୟରେ କୌଣସି ଖବର ମିଳେ ତେବେ ସେମାନ ଙ୍କ ବିରୋଧରେ ଯଥାସମ୍ଭବ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଥିଲେ। ପ୍ରତି ମଣ୍ଡିରେ ସିସିଟିଭି କ୍ୟାମେରା, ପ୍ରତୀକ୍ଷା କକ୍ଷ, ଉପଯୁକ୍ତ ପାନୀୟ ଜଳ, ଅସ୍ଥାୟୀ ଛାୟା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ସେ ଆହୁରି ମଧ କହିଛନ୍ତି ଯେ କ୍ରୟ ସୁରୁଖୁରୁରେ ହେବା ଆମର ଦାୟିତ୍ୱ ଏବଂ କ୍ରୟ ପ୍ରକ୍ରିୟାରେ ଯେପରି କୌଣସି ପ୍ରକାରର ବେଆଇନ ଅଭ୍ୟାସ ନ ହୁଏ ତାହା ମଧ ସୁନିଶ୍ଚିତ କରିବା ଆମର ଦାୟିତ୍ୱ।

# ବାଲିଆପାଳ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ




ବାଲିଆପାଳ/ଲଙ୍ଗଳେଶ୍ୱର, ୨୨/୧୧ (ନି.ପ୍ର): ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ,ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହିତ ନିଜ ବକ୍ତବ୍ୟରେ କହିଥିଲେ ଯେ ପୂର୍ବର ବିଜ୍ଞାନ ଓ ଏବର ବିଜ୍ଞାନ କେତେ ଅଗ୍ରଗତି କରି ଆଜି ଆମର ବୈଜ୍ଞାନିକ ମାନେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିସାରିଥିବା କଥା କହିଥିଲେ।ମୁଖ୍ୟ ବକ୍ତା ଭାବେ ପଶ୍ଚିମ ବଙ୍ଗ ଦିଘା ଠାରେ ଥିବା ଆଇସିଏଆରରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଡ଼ଃ ସୁବଳ କୁମାର ରାଉଳ,ସମ୍ମାନିତ ଅତିଥି ଭାବେ ସମାଜସେବୀ ରବିନ୍ଦ୍ର ଅଣ୍ଡିଆ।ଆଲୁମିନି ସଭାପତି ଅଜୟ କୁମାର ସାହୁ,ଏବିଇଓ ନମିତା ପ୍ରଭା ସାମଲ ଓ ମିନାରାଣୀ ସାହୁ,ବାଲିଆପାଳ ସରପଞ୍ଚ ବନଲତା ଦାସ,ଶିକ୍ଷକ ସମନ୍ୱୟ ସଂଘର ସଭାପତି ମନ୍ମଥ ବିଶ୍ୱାଳ,ସିଆରସିସି ଅଶୋକ କୁମାର ଗିରି,ବ୍ଲକ ବିଜ୍ଞାନ ସଂଯୋଜକ ଶୁକଦେବ ମହାନ୍ତି ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳା ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଜ୍ଞାନକୁ ସମାଜ, ରାଷ୍ଟ୍ରର କଲ୍ୟାଣ ଏବଂ ବିଶ୍ୱକୁ ମାର୍ଗ ଦର୍ଶନ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ।ଏହି ଅବସରରେ ବାଲିଆପାଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା।ତା ମଧ୍ୟରୁ ୭ଟି ବିଭାଗରେ ୨୧ ଗୋଟି ପ୍ରକଳ୍ପକୁ ବଛାଯାଇ ଦ୍ୱିତୀୟ ଅଧିବେଶନରେ ପୁରସ୍କୃତ କରାଯାଇଥିଲା। ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ବିବିଓ ସୁଧାଂଶୁ ଶେଖର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିବେକାନନ୍ଦ ଜେନା,ଶିକ୍ଷକ ସଂଘର ସମ୍ପାଦକ ବିନୋଦ କୁମାର ଜେନା,ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ଆଦିତ୍ୟ କୁମାର ରାଉତ ପ୍ରମୁଖ ଯୁଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ କୃତି କୁନି ବୈଜ୍ଞାନିକ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ରାଜେଶ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

## ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟରେ ଓଡ଼ିଆ ବିଭାଗର ଏକ ଦିବସୀୟ ପାଠଚକ୍ର




ବାରିପଦା, ୨୨/୧୧ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ର ଓଡ଼ିଆ ବିଭାଗ ତରଫରୁ 'ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ଗଠନ କଳା' ଶୀର୍ଷକ ଏକ ଦିବସୀୟ ପାଠଚକ୍ର ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଙ୍କ ସଭାପତିତ୍ୱରେ ଏବଂ ବିଭାଗୀୟ ମୁଖ୍ୟ ଡ଼କ୍ଟର ଠାକୁରା ଚରଣ ମାରାଣ୍ଡି ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଗୋରୁମହିଷାଣୀ ଆଇରନ କଲେଜ ର ଓଡ଼ିଆ ବିଭାଗ ଅଧାପକ ଡ଼କ୍ଟର ଦିଗାମ୍ବର ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୁଦ୍ଧଦେବ, ଉତ୍କଳ ମଣି ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟ ଙ୍କ କବିତା ଏବଂ ବାଙ୍ଗରିପୋଷୀ ଘାଟି ଉପରେ ଏକ ସୁନ୍ଦର ରଚନା କୁ ପାଠ କରିବା ସହିତ ଓଡ଼ିଆ ଭାଷା ର ଗୁରୁତ୍ୱ ଉପରେ ଛାତ୍ର ଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ବିଭାଗୀୟ ଅଧାପିକା ତୃପ୍ତି ଦାସ କବିତା ପାଠ କରିବା ସହିତ କବିତା ପଠନ ର ଶୈଳୀ ବିଷୟ ରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ ।ସ୍ନାତକୋତ୍ତର ଛାତ୍ରୀ ଇପ୍ସିତା ବେହେରା, ଅର୍ଚ୍ଚନା ବାରିକ ସ୍ୱାଗତସଂଗୀତ ଗାନ କରିଥିବା ବେଳେ ଉମାବତୀ ପାତ୍ର, ସରିତା ବିନ୍ଧାଣୀ, ସ୍ନେହଲତା ପ୍ରଧାନ,ରୁଦ୍ର ବେହେରା, ପ୍ରମିଳା ମହାନ୍ତ, ଲିଜାରାଣୀ ବିଶ୍ୱାଳ, ମାନସ ଗିରି, ଛବିରାଣୀ ମହାନ୍ତ ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ସ୍ନାତକୋତ୍ତର ଶେଷ ବର୍ଷ ର ଛାତ୍ରୀ ମୋନାଲିସା ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୂର୍ବତନ ସାଂସଦ ସ୍ୱର୍ଗତ ପ୍ରଭାତ କୁମାର ସାମନ୍ତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଂଜଳି ସଭା

ପାରାଦୀପ, ୨୨/୧୧ (ନି.ପ୍ର): ସର୍ବଭାରତୀୟ ଶ୍ରମିକ ନେତା ତଥା ପୂର୍ବତନ ସାଂସଦ ସ୍ୱର୍ଗତ ପ୍ରଭାତ କୁମାର ସାମନ୍ତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ଦିନ ସନ୍ଧ୍ୟାରେ ପାରାଦୀପ ଜୟଦେବ ସଦନ ପରିସରରେ ଏକ ଶ୍ରଦ୍ଧାଂଜଳି




ସଭା ଆୟୋଜିତ ହୋଇଥିଲା । ପୂଜ୍ୟପୂଜା ସଂସଦ ପାରାଦୀପ ଏବଂ ଉତ୍କଳ ପୋର୍ଟ ଆଣ୍ଡ ଡକ୍ ଓାର୍କସ୍ ୟୁନିୟନ ମିଳିତ ଭାବେ ଏହି ଶ୍ରଦ୍ଧାଂଜଳି ସଭାର ଆୟୋଜନ କରିଥିଲେ । ପୂଜ୍ୟପୂଜା ସଂସଦର ସଭାପତି ତଥା ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ ଏହି ଶ୍ରଦ୍ଧାଂଜଳି ସଭାରେ ପୌରହିତ୍ୟ କରିଥିଲେ । କେନ୍ଦ୍ରାପଡାର ପୂର୍ବତନ ବିଧାୟିକା ଡ.ସିପ୍ରା ମଲ୍ଲିକ,ବିଶିଷ୍ଟ ଶ୍ରମିକ ନେତା ପଂଚାନନ କାନୁନ୍?ଗୋ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ଓାର୍କସ୍ ୟୁନିୟନର ସାଧାରଣ ସମ୍ପାଦକ ବିଭୂଦେନ୍ଦ୍ର ନାରାୟଣ ମହାରଣା,ଶ୍ରମିକ ନେତା ଅନନ୍ତ କୁମାର ଦାସ, ସମୀର କୁମାର ବିଶ୍ୱାଳ, ଉଲ୍ଲାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାମନ୍ତରାୟଙ୍କ ଶ୍ରମିକ ଆନ୍ଦୋଳନ ତଥା ସାଂସଦ ଭାବେ ତାଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପାରାଦୀପ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରଦ୍ଧାଂଜଳି ସଭାରେ ଯୋଗ ଦେଇ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ । ଏହି ଶ୍ରଦ୍ଧାଂଜଳି ସଭାରେ ସ୍ୱର୍ଗତ ସାମନ୍ତରାୟଙ୍କ ସହଧର୍ମିଣୀ ପ୍ରତିଭା ମଂଜରୀ ମହାନ୍ତି,ପୁତ୍ର ତୁଷାର ରଂଜନ ସାମନ୍ତରାୟ,ଶ୍ରେୟାନ ସାମନ୍ତରାୟ, ସାର୍ଥକ ସାମନ୍ତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବିଡିଓଙ୍କ ହସ୍ତକ୍ଷେପ ପରେ ଦଶ ମାସର ଭତ୍ତା ପାଇଲେ ବିକଳାଙ୍ଗ ବ୍ୟକ୍ତି



ଜଳେଶ୍ୱର, ୨୨/୧୧ (ନି.ପ୍ର): ଦୀର୍ଘ ଦଶ ମାସ ଧରି ଭତ୍ତା ପାଇବାରୁ ବଂଚିତ ହୋଇ ଭତ୍ତା ପାଇଁ ବିଡ଼ିଓଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲା ବେଳେ ସାମ୍ବାଦିକ ମାନଙ୍କ ହସ୍ତକ୍ଷେପ ପରେ ବ୍ଲକ ପ୍ରଶାଶନ ଚଳୁ କରିବାକୁ ବସିଥିବା ଦଶ ମାସର ଭତ୍ତା ପ୍ରଦାନ କଲେ ପଂଚାୟତ ପିଓ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ନାମ୍ପ ପଂଚାୟତ ତାଳବଣିଆ ଗ୍ରାମର ବିକଳାଙ୍ଗ ବ୍ୟକ୍ତି ବାର୍ଶା କିସ୍କୁ (୫୫) ବାର୍ଶା କିସ୍କୁଙ୍କର ଦୁଇ ଆଖିକୁ ଦେଖା ଯାଉ ନଥିଲା ବେଳେ ପରାଲାଇସ୍ ରେ ଗୋଡ଼ ମଧ୍ୟ ଠିକ୍ ସେ କାମ କରୁନାହିଁ ସେଥିପାଇଁ ୫୦ ପ୍ରତିଶତ ବିକଳାଙ୍ଗ ଭତ୍ତା ସରକାରଙ୍କ ତରଫରୁ ଗତ ମାର୍ଚ୍ଚ ମାସରେ ଭତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା ବେଳେ ବର୍ତମାନ ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ କି ତାଙ୍କର ଭତ୍ତା ହୋଇଛି ବୋଲି ପଂଚାୟତ ଅଫିସର ଜଣାଇ ନ ଥିଲେ ଅନ୍ୟପଟେ ଭତ୍ତା ପାଇଁ ବାରମ୍ବାରପଂଚାୟତ ଏବଂ ବ୍ଲକ ଅଫିସ ଧାଇଁ ଧାଇଁ ଭତ୍ତା ନ ପାଇ ନିରାଶ ହୋଇ ଫେରି ଯାଇଥିଲେ , ଫଳରେ ଦୀର୍ଘ ୧୦ମାସରୁ ଅଧିକ ସମୟ ଧରି ଭତ୍ତା ପାଇବାରୁ ବଂଚିତ ହୋଇଥିଲେ ବାର୍ଶା । ବାର୍ଶା କିସ୍କୁ ତାଙ୍କର ଭତ୍ତା ହୋଇଥିବା ଜାଣି ପାରି ଆଜି ସକାଳ ସମୟରେ ତାଙ୍କ ସ୍ତ୍ରୀ ଜସ୍ମି କିସ୍କୁଙ୍କୁ ସାଙ୍ଗରେ ଧରି ବ୍ଲକ ଅଫିସରେ ପହଂଚି ବିଡ଼ିଓଙ୍କ ଅଫିସ ସମ୍ମୁଖରେ ଭତ୍ତା ପାଇଁ ଧାରଣାରେ ବସିଥିଲେ ମାତ୍ର ବିଭାଗୀୟ ଅଧିକାରିଣୀ ସଲିମା ରାଉତ୍ ଏକ ମାସର ଭତ୍ତା ଦେଇ ବିଦାୟ କରିବାକୁ ଚେଷ୍ଟା କରି ଥିବା ବେଳେ ହିତାଧିକାରୀ ସମସ୍ତ ଭତ୍ତା ନେବା ପାଇଁ ଅଡ଼ି ବସିଥିଲେ, ମାତ୍ର ହିତାଧିକାରୀ ଭତ୍ତା ନେବାକୁ ଆସି ନ ଥିବା କହିଥିଲା ବେଳେ ଦୀର୍ଘ ସମୟ ଧରି ବିଡିଓ ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ରେ ବସିଥିଲେ ଏବଂ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଙ୍କ ହସ୍ତକ୍ଷେପ ପରେ ବର୍ତମାନର ନାମ୍ପୋ ପଂଚାୟତ ପିଇଓ ତାଙ୍କୁ ଦଶ ମାସର ଭତ୍ତା ଟଙ୍କା ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ଦଶ ମାସର ଭତ୍ତା ଟଙ୍କା ପାଇ ହିତାଧିକାରି ଖୁସିଥିବା କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ପୂର୍ବରୁ କାର୍ଯ୍ୟରତ ଭତ୍ତା ବିଭାଗୀୟ ଅଧିକାରି ଏବଂ ପୂର୍ବରୁ କାର୍ଯ୍ୟରତ ପିଇଓ ଓ ନିର୍ବାଚିତ ପ୍ରତିନିଧି ମାନଙ୍କ କାର୍ଯ୍ୟ ସନ୍ଦେହ ଘେରରେ।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଆଜି ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳନ କରାଯାଉଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକ ନିକଟରେ ଥିବା ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣୀ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ଶ୍ରୀ ସୁରେନ୍ଦ୍ର ନାଥ ପରିଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ସେଲ ଆରଏସପିର ଦୀକ୍ଷା ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ରରେ ଠିକା ଶ୍ରମିକଙ୍କ ଗ୍ୟାସ୍ ସୁରକ୍ଷା ଉପରେ ତାଲିମ




ରାଉରକେଲା, ୨୨/୧୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସେକ୍ଟର ୫ ସ୍ଥିତ ଦୀକ୍ଷା ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର ଠାରେ ନଭେମ୍ବର ୧୯ ତାରିଖରେ ଏକ ଗ୍ୟାସ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କାରଖାନାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୪୦ ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଅଧିବେଶନରେ ସଫଳତା ସହକାରେ ତାଲିମ ସମାପ୍ତ କରିଥିବା ଅଂଶଗ୍ରହଣ କାରୀଙ୍କୁ ଡ଼ିଟିଏନବିଡବ୍ଲୁଇ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅଧିବେଶନରେ ସାଧାରଣ ସୁରକ୍ଷା ଅଭ୍ୟାସ, ଗ୍ୟାସ୍ ଯନ୍ତ୍ରୋପକରଣ ସମ୍ବନ୍ଧୀୟ ସୁରକ୍ଷା ଦିଗ ଏବଂ ଗ୍ୟାସ୍ ଲାଇନରେ କାର୍ଯ୍ୟ କରିବା ସମୟରେ କରଣୀୟ ଓ ବର୍ଜ୍ଜନୀୟ ବିଷୟାବଳୀ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଡ଼ିଟିଏନବିଡବ୍ଲୁଇ ନିର୍ଦ୍ଦେଶାଳୟର ଶ୍ରୀ ଏସ ଆର ଗୋଛାୟତ ଏବଂ ଗ୍ୟାସ୍ ସୁରକ୍ଷା ଫେକଲ୍ଟି ଶ୍ରୀ ପି ଏନ ମହାତୋ ଅଧିବେଶନ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀ ରାଜୀବ ମୁଖାର୍ଜୀ ଓ କଣ୍ଟ୍ରାକ୍ଟ ଲେବର ସେଲ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ଅଭ୍ୟାସକୁ ଦୂର କରିବା ଦିଗରେ ଦକ୍ଷତା ଓ କୌଶଳରେ ଉନ୍ନତି ଆଣିବା ପାଇଁ ଠିକା ଶ୍ରମିକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ତାଲିମ ପ୍ରଦାନ କରିବାକୁ ଏହି କେନ୍ଦ୍ର ଲକ୍ଷ୍ୟ ରଖିଛି। ପ୍ରଦତ୍ତ ତାଲିମ ସହିତ, କେନ୍ଦ୍ରର ଉଦ୍ଦେଶ୍ୟ ହେଉଛି ରାଉରକେଲା ଏବଂ ଏହାର ଆଖପାଖରେ କୁଶଳୀ କର୍ମୀ ସମୂହ ସୃଷ୍ଟି କରିବା ଯେଉଁମାନେ ବ୍ୟବହାରଗତ ସୁରକ୍ଷାରେ ଦକ୍ଷତା ହାସଲ କରିଥିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆଦାନୀ ଝଡ଼ରେ ...

କମ୍ପାନୀଗୁଡିକ ସହିତ ଚୁକ୍ତିନାମା ସୁରକ୍ଷିତ ରଖିବା ପାଇଁ ଆଦାନୀ ଗ୍ରୁପ୍ ୨୬୫ ମିଲିୟନ୍ ଡଲାର୍ ଲାଞ୍ଚ ଦେଇଥିବା ଅଭିଯୋଗ କରିଛି ଆମେରିକା ଏଜେନ୍ସି। ଏହି କାରବାରରେ ଆନ୍ଧ୍ରପ୍ରଦେଶ ବ୍ୟତୀତ ଛତିଶଗଡ଼, ତାମିଲନାଡୁ, ଓଡିଶା ଏବଂ ଜମ୍ମୁ କଶ୍ମୀର ମଧ୍ୟ ସୌର ଶକ୍ତି ପାଇଁ ସାଇନ୍ ଅପ୍ କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକ୍ରମେ ଆମେରିକାର ଏକ କୋର୍ଟ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀଙ୍କ ସମେତ ୭ ଜଣଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ଏହି ୱାରେଣ୍ଟ ଜାରି ପରେ ଆଦାନୀ ଗ୍ରୁପ୍ ଶେଆର ବଜାର ହ୍ରାସ ପାଇଛି। ଆଦାନୀ ଗ୍ରୁପର ୫ ଲକ୍ଷ ୩୫ ହଜାର କୋଟି ଟଙ୍କା କ୍ଷତି ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ଅନ୍ୟପଟେ, ୨୦୧୯-୨୪ ମଧ୍ୟରେ କ୍ଷମତାରେ ଥିବା ଜଗନ ରେଡ୍ଡୀଙ୍କ ଓାଇଏସଆରସିପି ଏସବୁ ଅଭିଯୋଗକୁ ଖଣ୍ଡନ କରିଛି। ଆଦାନୀ ଗ୍ରୁପ୍ ସହ କୌଣସି ପ୍ରତ୍ୟକ୍ଷ ଚୁକ୍ତି ନାହିଁ ବୋଲି ଦଳ କହିଛି। ସେହିପରି ଆଦାନୀ ଗ୍ରୁପ୍ ମଧ୍ୟ ଆମେରିକା ଏଜେନ୍ସିର ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇଛି।

## ଯୁକ୍ତ ଦୁଇ ମାର୍କିଂ ଢାଞ୍ଚାରେ ...

ପ୍ରତି ପରୀକ୍ଷା କେନ୍ଦ୍ରରେ ଲାଗିବ ସିସିଟିଭି କ୍ୟାମେରା । ପ୍ରଶ୍ନ ପତ୍ର ସୁରକ୍ଷିତ ଭାବେ ରଖାଯାଇ କିଭଳି ପିଲାଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦିଆଯିବ । ଏହାସହ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରୀୟ ସ୍କ୍ୱାଡ ରହିବେ । ୧୨୭୦ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ ।

## ବିଶ୍ୱ ବ୍ୟାଙ୍କର 'ଜବ୍ସ ଆଟ୍ ୟୋର୍ ଡୋର୍ ...

ପାଇଁ ପ୍ରଗତିଶୀଳ ନୀତି ପ୍ରସ୍ତୁତ କରିବାରେ ସମର୍ଥ ହେବ । ଚାକିରି ଓ ନିଯୁକ୍ତିର ସଂଜ୍ଞାକୁ ବ୍ୟାପକ କରିବାର ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ଭାରତକୁ ଏକ ବିଶ୍ୱ ଦକ୍ଷତା କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଆମ ଦେଶର ଜନସଂଖ୍ୟା ବିଶ୍ୱ ଅର୍ଥନୀତିର ଡ୍ରାଇଭର ହେବ । ଏଥିପାଇଁ ବିଦ୍ୟାଳୟଗୁଡ଼ିକରେ ଦକ୍ଷତାକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି । ଜାତୀୟ ଶିକ୍ଷା ନୀତିରେ ବିଦ୍ୟାଳୟଗୁଡିକରେ ଦକ୍ଷତାକୁ ମୁଖ୍ୟ ସ୍ରୋତରେ ଆଣିବାର ପରିକଳ୍ପନା କରାଯାଇଛି । ବୈଷୟିକ ଜ୍ଞାନକୌଶଳ ଭବିଷ୍ୟତରେ ନିଯୁକ୍ତି ଏବଂ ଆର୍ଥିକ କ୍ଷେତ୍ରକୁ ପରିବର୍ତ୍ତନ କରିବ । ଏଥିପାଇଁ ଭବିଷ୍ୟତରେ କର୍ମଚାରୀମାନଙ୍କୁ ଅପ୍-ସ୍କିଲ୍ ଏବଂ ରି-ସ୍କିଲ୍ କରାଇବାର ଆବଶ୍ୟକତା ରହିଛି । ବିଶ୍ୱର ଦକ୍ଷତା ରାଜଧାନୀ ଭାବେ ଉଭା ହେବା ପାଇଁ ଆମର ବୃହତ ଜନସଂଖ୍ୟାକୁ ସ୍କିଲ, ରି-ସ୍କିଲ୍ ଏବଂ ଅପ୍-ସ୍କିଲ୍ କରାଇବା ଦିଗରେ ସାମଗ୍ରିକ ସରକାରୀ ଆଭିମୁଖ୍ୟ ସହ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଶିକ୍ଷା ନୀତି ଏବଂ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆରମ୍ଭ କରି ଶିକ୍ଷା କ୍ଷେତ୍ରରେ ଏକ ବଡ ପଦକ୍ଷେପ ନିଆଯାଇଛି । ଉଭୟ ନୀତିରେ ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ....

ବିଜେପି ନେତୃତ୍ୱାଧୀନ ମହାୟୁତିକୁ ୧୩୭ରୁ ୧୫୭ ସିଟ୍ ମିଳିପାରେ। ମହା ବିକାଶ ଅଘାଡିକୁ ମିଳିପାରେ ୧୨୬ରୁ ୧୪୬ ଓ ଅନ୍ୟାନ୍ୟଙ୍କୁ ମିଳିପାରେ ୨ରୁ ୮ଟି ସିଟ୍। ସେପଟେ ଝାଡଖଣ୍ଡରେ ଏନଡିଏ ଆଗରେ ଥିବା ଏକଜିଟ୍ ପୋଲ୍ ଆକଳନରେ ଜଣାପଡ଼ିଛି। ଗଇଞ୍ଜଓତରର ଆକଳନ ଅନୁସାରେ ଝାଡଖଣ୍ଡରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ୪୨ରୁ ୪୭ଟି ସିଟ୍ ମିଳିବା ସମ୍ଭାବନା ରହିଛି। ସେହିପରି ମହାଗଠବନ୍ଧନକୁ ୨୫ରୁ ୩୦ ଆସନ ମିଳିପାରେ। ଅନ୍ୟାନ୍ୟ ଦଳ ୧ରୁ ୪ଟି ଆସନ ପାଇପାରନ୍ତି।

## ବବିଙ୍କ ଭାଇ ଭବଙ୍କ ...

ଟମାଟୋ ଆଦି ବିକ୍ରି କରିବାକୁ ଆଣିଥିଲେ। ସେହି ସମୟରେ ଭବ ପ୍ରସାଦ ଦାସଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଆସି ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତୁରନ୍ତ ପରିବା ଧରି ହାଟରୁ ପଳାଇବାକୁ ସେମାନେ ଧମକ ଦେଇଥିଲେ। କିନ୍ତୁ ସେ ରାଜି ନହେବାରୁ ଭବଙ୍କ ଲୋକମାନେ ତାଙ୍କୁ ବିଧା ଓ ଗୋଇଠା ମାରିଥିଲେ। ଏହା ସହିତ ସେମାନେ ତାଙ୍କ ପରିବା ନଷ୍ଟ କରି ଦେଇଥିଲେ। ଏମିତିକି ତାଙ୍କ ପକେଟରେ ଥିବା ୧୨,୦୦୦ ଟଙ୍କା ନେଇ ଯାଇଥିଲେ। ଭବ ପ୍ରକାଶ ଦାସଙ୍କ ସହିତ ତାଙ୍କ ସହଯୋଗୀ ବଳଭଦ୍ର ଦାସ, ଜଗନ୍ନାଥ ଦାସ, ସାହାଜୁଦ୍ଦିନ, ସେକ୍ ମୁର୍ତ୍ତେଜ, ସନ୍ତୋଷ କୁମାର ମଲ୍ଲିକ, ସୁରେନ୍ଦ୍ର ରଣା, ଅଜିତ ସାହୁ, ସୁବାଶିଷ ରାଉତ, ଦେବୀ ପ୍ରସାଦ ପାଣି, ସୁକାନ୍ତ ପାଣି, ତୁଷାର ରଞ୍ଜନ ବେହେରା, ପାର୍ଥ ସାରଥୀ ମହାପାତ୍ର, ମାନ ଗୋବିନ୍ଦ ପତି, ରଞ୍ଜନ ସାହୁ, ସୌଭାଗ୍ୟ ରଞ୍ଜନ, ଜନ୍ମେଜୟ କାନୁନଗୋ ଓ ଚିତ୍ତରଂଜନ ସାହୁଙ୍କ ନାଁରେ ମାମଲା ରୁଜୁ କରିଛି ପୁଲିସ। ଏ ସମସ୍ତଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା (ଈଘଝ)ରେ ଥିବା ଧାରା ୧୧୫(୨), ୨୯୬, ୩(୫), ୩୦୩ (୨), ୩୨୪(୪)ରେ ମାମଲା ରୁଜୁ ହୋଇଛି। ଏମାନଙ୍କ ବ୍ୟତୀତ ଆହୁରି କିଛି ଲୋକ ଥିଲେ, ଯେଉଁମାନେ ପରିବା ବ୍ୟବସାୟୀ ମଦନ ନାଏକଙ୍କୁ ଧମକ ଚମକ ଦେବା ସହିତ ମାଡ଼ ମାରିଥିଲେ। ତେବେ ସେ ସେମାନଙ୍କୁ ଚିହ୍ନି ନଥିବା ଏତଲାରେ ଦର୍ଶାଇଛନ୍ତି। ଏହା ସହିତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅନୁରୋଧ କରିଛନ୍ତି। ଭବ ପ୍ରକାଶ ଦାସଙ୍କ ବିରୋଧରେ ଲଗାଯାଇଥିବା ଦଫା ଗୁଡିକ ମଧ୍ୟରୁ ପ୍ରାୟ ସମସ୍ତ ଦଫା ଜାମିନ ଯୁକ୍ତ ହୋଇଥିବା ବେଳେ ଈଘଝ ୩୦୩(୨) ଅର୍ଥାତ୍ ଚୋରି କରିବା ଜାମିନ ବିହୀନ ଦଫା ହୋଇଥିବାରୁ ତାଙ୍କୁ ଗିରଫ କରାଯିବାର ଆଶଙ୍କା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପରକୁ ଆକ୍ରମଣ ଘଟଣାରେ ବବିଙ୍କ ଭାଇ ଭବ ପ୍ରକାଶ ବିବାଦୀୟ ହୋଇପଡ଼ିଥିଲେ। ସେ ବିଧାୟକ ଶ୍ରୀ ସାହୁଙ୍କୁ ଫୋନ୍ କରି କମ୍ପ୍ରୋମାଇଜ୍ କରିବା ପାଇଁ କହିଥିଲେ ବୋଲି ଅଭିଯୋଗ ହୋଇଥିଲା।

## ସୁକମାରେ ସୁରକ୍ଷାକର୍ମୀଙ୍କ ...

ସାମିଲ ହୋଇଥିଲେ। ଜଙ୍ଗଲ ମଧ୍ୟରେ ସୁରକ୍ଷା କର୍ମୀ ଓ ନକ୍ସଲଙ୍କ ମଧ୍ୟରେ ତୁହାକୁ ତୁହା ଗୁଳି ବିନିମୟ ହୋଇଥିଲା। ଏଥିରେ ୧୦ ନକ୍ସଲ ଟଳି ପଡ଼ିଥିଲେ। ଏବେ ସୁଦ୍ଧା ୧୦ ନକ୍ସଲଙ୍କ ମୃତଦେହକୁ ଜବତ କରାଯାଇଥିବା ବେଳେ ଘଟଣାସ୍ଥଳରୁ ଇନସାସ୍, ଇକ-୪୭, ଝଖଜ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ଏବେ ବି କିଛି ମୃତଦେହ ଜଙ୍ଗଲରେ ପଡ଼ିଥିବା ବେଳେ ଆଉ କିଛି ନକ୍ସଲ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ଅନୁମାନ କରାଯାଉଛି । ତେଣ କୁମ୍ବିଂ ଅପରେସନକୁ ଜୋରଦାର କରାଯାଇଥିବା ବସ୍ତର ଆଇଜି ପି. ସୁନ୍ଦରରାଜ ସୂଚନା ଦେଇଛନ୍ତି। ଏହି ମିଳିତ ଅପରେସନରେ ଉଜଏ ଓ ଉଜଚର ଯବାନ ସାମିଲ ହୋଇଛନ୍ତି। ଗତକାଲି ମାଲକାନଗିରି ଏମ୍ ଭି-୭୯ ଜିନ୍ଦଲଗୁଡ଼ା ନିକଟରେ ଟଳିଥିଲେ ଜଣେ ନକ୍ସଲ । ସାବେରୀ ନଦୀ ପାରି ହୋଇ ଛତିଶଗଡ଼ରୁ ଓଡ଼ିଶାକୁ ପଶିବା ବେଳେ ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟ ହୋଇଥିଲା । ଏହି ଗୁଳି ବିନିମୟ ବେଳେ ଜଣେ ନକ୍ସଲ ଟଳି ପଡ଼ିଥିଲେ। ଏହାପରେ ଗତରାତିରେ ଓଡ଼ିଶା-ଛତିଶଗଡ଼ ସୀମା ଗରିଆବନ୍ଧ ଜିଲ୍ଲା ଯୁଗାଡ ଥାନା ଅମାଡ଼ ଜଙ୍ଗଲରେ ହୋଇଥିଲା ଅପରେସନ୍। କୁମ୍ବିଂ ଅପରେସନ ବେଳେ ନକ୍ସଲ କ୍ୟାମ୍ପରୁ ବନ୍ଧୁକ ସମେତ ଅନ୍ୟ ସାମଗ୍ରୀ ବି ଜବତ ହୋଇଥିଲା। ଚଳିତ ବର୍ଷ ଆରମ୍ଭରୁ ଛତିଶଗଡ଼ର ବସ୍ତର ଅଞ୍ଚଳର ପ୍ରାୟ ୭ଟି ଜିଲ୍ଲାରେ ହୋଇଥିବା କୁମ୍ବିଂ ଅପରେସନରେ ଏଯାବତ ୨୦୭ ନକ୍ସଲ ଟଳି ସାରିଥିବା ଜଣାଯାଇଛି। ୨୦୨୬ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେଇଥିବା ବେଳେ ବିଭିନ୍ନ ସ୍ଥାନରେ କୁମ୍ବିଂ ଅପରେସନକୁ ଜୋରଦାର କରାଯାଉଛି। ଫଳରେ ଦେଖୁଦେଖୁ ଜଣକ ପରେ ଜଣେ ନକ୍ସଲ ଟଳୁଥିବାରୁ ସେମାନଙ୍କ ସଙ୍ଗଠନ ଟଳମଳ ଅବସ୍ଥାରେ ପହଞ୍ଚିଲାଣି।

## ବରଗଡ଼ ଧନୁଯାତ୍ରା: କଂସ ଭୂମିକାରେ...

କାରଣ ମହାପ୍ରୟାଣ ଗାଡ଼ିରେ ଶବ ନେବା ପାଇଁ କୌଣସି ଦେୟ ଦେବାକୁ ପଡ଼େ ନାହିଁ। ଏହି ଘଟଣା ସାମ୍ନାକୁ ଆସିବା ପରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ସେ ଦୋଷମୁକ୍ତ ହୋଇ ନଥିବାରୁ ତାଙ୍କୁ କଂସ ଭୂମିକାରେ ଅଭିନୟ କରିବାକୁ ଅନୁମତି ଦେଲେ, ତାହା ବରଗଡ଼ ଧନୁଯାତ୍ରାର ମର୍ଯ୍ୟାଦା ଓ ଗାରିମାକୁ ନ୍ୟୁନ କରିବ ବୋଲି ବରଗଡ଼ ଧନୁଯାତ୍ରା କଳାକାର ସମନ୍ୱୟ କମିଟି ପକ୍ଷରୁ କୁହାଯାଇଥିଲା। ଏହା ସହିତ ହୃଷିକେଶଙ୍କୁ ଏଥର କଂସ ଭୂମିକାରେ ଅଭିନୟ କରିବାକୁ ସୁଯୋଗ ନଦେବାକୁ ସେମାନେ ସୁପାରିଶ କରିଥିଲେ, ଯାହାକୁ ଧନୁଯାତ୍ରା କାର୍ଯ୍ୟକାରୀ କମିଟି ଗ୍ରହଣ କରି ନେଇଛି।

## ସିରିଆରେ ଇସ୍ରାଏଲ ଆକ୍ରମଣ...

ଘୋର ମାନବୀୟ ସଙ୍କଟ ସୃଷ୍ଟି ହୋଇଥିବାରୁ ଆଇସିଜେର ତିନି ଜଣିଆ କମିଟି ୱାରେଣ୍ଟ ଜାରି କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛନ୍ତି ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଇସ୍ରାଏଲ ଆଇସିସିର ଅଧିକାରକୁ ପ୍ରତ୍ୟାଖ୍ୟାନ କରିବା ସହ ଗାଜାରେ ଯୁଦ୍ଧ ଅପରାଧକୁ ଅସ୍ୱୀକାର କରିଛି। ଇସ୍ରାଏଲ ଆଇସିସିର ସଦସ୍ୟ ରାଷ୍ଟ୍ର ନୁହେଁ। ତେଣୁ ଏଭଳି ୱାରେଣ୍ଟର କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ଇସ୍ରାଏଲ କହିଛି।

## କୁହୁଡ଼ି ନେଇ ୩...

ସେମାନଙ୍କୁ କହିଛନ୍ତି।ଆଜି ରାତି, ଆସନ୍ତାକାଲି ଅର୍ଥାତ୍ ଶନିବାର ସକାଳ ଓ ରାତିରେ ଏବଂ ରବିବାର ସକାଳେ ସୁନ୍ଦରଗଡ଼, କନ୍ଧମାଳ ଓ କଳାହାଣ୍ଡିରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆଗାମୀ ୫ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଆଗାମୀ ୫ ଦିନ ପାଇଁ କୌଣସି ଚେତାବନୀ ନାହିଁ। ତେବେ ଆସନ୍ତା ୨୭ ତାରିଖରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି।

## ପୁଲିସ ଦ୍ୱାରା ୧୨୦ ...

ରେଳୱେ ପୁଲିସ ହାତରେ ଧରା ପଡୁଛନ୍ତି। ଏହି କ୍ରମରେ ଗତ ୧୧ମାସରେ କୋରାପୁଟ ରେଳବାଇ ପୁଲିସ ୧୫ଟି ଚାଲାଣ ବେଳେ ୧୨୦ କିଲୋ ଗଞ୍ଜେଇ ଜବତ କରିବା ସହ ୧୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏତଦ୍ ବ୍ୟତୀତ ଜଣେ ନାବାଳକ ମଧ୍ୟ ଧରାପଡ଼ିଛି ବୋଲି କହିଛନ୍ତି ଜିଆରପି ଥାନା ଅଧିକାରୀ ସନ୍ତୋଷୀ ମହନ୍ତ। ପୁଲିସ, ଅବକାରୀ ବିଭାଗ ହାତରେ ଧରାପଡୁଥିବାରୁ ଗଂଜେଇ ମାଫିଆମାନେ ରେଳ ଜରିଆରେ ପଠାଇବାକୁ ବାଟ ଖୋଜିଛନ୍ତି। ଖାସ୍ କରି ଚାଲାଣ ପାଇଁ ମାଫିଆ ମାନେ କିଶୋର, କିଶୋରୀ, ନାବାଳକ, ଯୁବକ ଓ ଯୁବତୀଙ୍କୁ ପ୍ରାଥମିକତା ଦେଉଛନ୍ତି। ପୁଲିସ, ଅବକାରୀ ବିଭାଗ ହାତରେ ଧରାପଡୁଥିବାରୁ ଗଂଜେଇ ମାଫିଆମାନେ ରେଳ ଜରିଆରେ ପଠାଇବାକୁ ବାଟ ଖୋଜିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# କୃଷି ସଚେତନତା ରଥ ଶୁଭାରମ୍ଭ କଲେ ଜିଲ୍ଲାପାଳ

ବାରିପଦା , ୨୨/୧୧ (ନି.ପ୍ର): ଜିଲ୍ଲାରେ ଖରିଫ ୨୦୨୪ -୨୫ ବର୍ଷ ପାଇଁ ଧାନ ସଂଗ୍ରହ ବାର୍ତ୍ତା ବହନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଠାରୁ ଶୁକ୍ରବାର ଦିନ ଏକ କୃଷକ ସଚେତନତା ରଥ ଆରମ୍ଭ ହୋଇଛି। ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ କୃଷ୍ଣ ଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ, ସବୁଜ ପତାକା ଦେଖାଇ ବାରିପଦା ଠାରୁ ଦୁଇଟି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ପର୍ଯାୟରେ ଜିଲ୍ଲାରେ ଥିବା ୪ଟି ସବଡ଼ିଭିଜନରେ ମଧ ଏହି ସଚେତନତା ରଥ ଆରମ୍ଭ ହୋଇ, ଧାନ ସଂଗ୍ରହ କାର୍ଯ୍ୟକ୍ରମ ସମାପ୍ତ ହେବ ପର୍ଯ୍ୟନ୍ତ ନିରନ୍ତର ଚାଲୁ ରହିବ ଓ ଚାଷୀ ମାନଙ୍କୁ ସଚେତନ କରାଇବ। ଚଳିତ ମାସ ଡିସେମ୍ବର ୨୪ ତାରିଖରୁ ପର୍ଯ୍ୟାୟକ୍ରମେ ଜିଲ୍ଲାର ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୦୩ ଗୋଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ ମାଧ୍ୟମରେ ୧୪,୬୬,୧୦୨.୯୪ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ, ଏହି କୃଷକ ସଚେତନତା ରଥ, ବିଭିନ୍ନ ବ୍ଲକରେ ବୁଲି ସଚେତନତା ବାର୍ତ୍ତା ଦେବା ସହ କୃଷକ ମାନଙ୍କୁ ସୂଚନା, ଶିକ୍ଷା, ଓ ଯୋଗାଯୋଗ ମାଧ୍ୟମରେ ଉତ୍ସାହିତ କରିବ । ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍ ଏମ ସିର ଅଧ୍ୟକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀ ମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଛନ୍ତି। ଏହି ସଚେତନତା ରଥ, ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଧାନର ମାନ ନିରୂପଣ ଆକରିବା ସହିତ ଉଚିତ ଗୁଣବତ୍ତା ସମ୍ପର୍କେଆରେ ମଧ ସଚେତନ କରାଇବ ଏବଂ ଧାନରେ ବଳି, ଗୋଡି, ମାଟି, ପଥର, ଧୂଳି ନଷ୍ଟ ବେରଙ୍ଗି, ଗଜା ହୋଇଥିବା, ଅପରିପକ୍ୱ ଧାନ, କଞ୍ଚା, ତଳ ଶ୍ରେଣୀୟ ଧାନ ଅପିଆମିଶରଣ ନଥିବା ପରିଷ୍କାର ଧାନ ସଂଗ୍ରହ କରିବା ପାଇଁ ପରାମର୍ଶ ଦେବ।

# ଭୂମିପୁତ୍ର ଗିରିଶ ଚନ୍ଦ୍ର ମୁର୍ମୁଙ୍କର ୬୬ତମ ଜନ୍ମ ଦିବସ ଓ ସିଭି ରମଣଙ୍କର ୬୬ତମ ତିରୋଧାନ ଦିବସ ପାଳିତ




ବେତନଟୀ , ୨୨/୧୧ (ନି.ପ୍ର): ଭୂମିପୁତ୍ର ଗିରିଶ ଚନ୍ଦ୍ର ମୁର୍ମୁଙ୍କର ୬୬ ତମ ଜନ୍ମ ଦିବସ ଏବଂ ଭାରତ ରତ୍ନ ନୋବେଲ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ବୈଜ୍ଞାନିକ ସି. ଭି. ରମଣଙ୍କର ୫୫ତମ ତିରୋଧାନ ଦିବସ ମହୁଲିଆ ସ୍କୁଲର ଆଲୁମିନୀ ସଭାପତି ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଇକୋ ଫ୍ରେଣ୍ଡ ମହୁଲିଆ ସ୍କୁଲ ଆନୁକୂଲ୍ୟରେ ଏବଂ ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ସହଯୋଗରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦ 'କବି ସଙ୍ଗମ'ର ସଭାପତି କବି ବାସୁଦେବ ନାପିତ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଭୀମ ଚରଣ ମହାନ୍ତ ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବେତନଟିର ଉପଦେଷ୍ଟା ଶ୍ରୀ ଭୀମ ଚରଣ ମହାନ୍ତ, ସମ୍ମାନିତ ବକ୍ତାଭାବରେ ସାମ୍ବାଦିକ ସଂଘ ବେତନଟୀର ଉପ ସଭାପତି ଗତିକୃଷ୍ଣ ମହାନ୍ତ ଯୋଗଦାନ କରି ସି.ଭି ରମଣଙ୍କର ଜୀବନୀ ଏବଂ ଗିରିଶ ଚନ୍ଦ୍ର ମୁର୍ମୁଙ୍କର ଜୀବନୀ ଉପରେ ଆଲୋଚନା କରି ଛାତ୍ର ଛାତ୍ରୀ ମାନଙ୍କୁ ମନ ଲଗାଇ ପାଠ ପଢି ବୈଜ୍ଞାନିକ ସିଭି ରମଣ ଏବଂ ଭୂମିପୁତ୍ର ଗିରିଶ ଚନ୍ଦ୍ର ମୁର୍ମୁଙ୍କ ପରି ବଡ଼ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ କ୍ଷ ଏଥିରେ ମହୁଲିଆ ଗ୍ରାମବାସୀ, ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

# ଦୌଡ଼ ଚର୍ଚ୍ଚାରେ ଜଳେଶ୍ୱର ବ୍ଲକର ନାରାୟଣ: ଭୁବନେଶ୍ୱରର ୱାଇଆଇ ଦୌଡ଼ରେ ହେଲେ ପ୍ରଥମ



ଜଳେଶ୍ୱର ୨୨/୧୧(ନିପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଆରୁହା ଗ୍ରାମର ନରୋତ୍ତମ କୁଣ୍ଡୁଙ୍କ ପୁଅ ନାରାୟଣ କୁଣ୍ଡୁ ଯିଏ କି ଭୁବନେଶ୍ୱର ସ୍ଥିତ ଏକ ଘରୁଇ କମ୍ପାନୀରେ ଚାକିରି କରନ୍ତି।ଚାକିରି କରିବା ସହିତ ଦିନକୁ ଦିନ ମାରାଥନ ଦୌଡ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଅଧିକରୁ ଅଧିକ ଖ୍ୟାତି ଅର୍ଜନ କରିବାରେ ଲାଗିଛନ୍ତି। ସେ ମାରାଥନ ଦୌଡ ଫେବୃଆରି ୨୦୨୩ ରେ ଆରମ୍ଭ କରିଥିଲେ।ଏବେ ସେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ମାରାଥନରେ ଦୌଡ଼ି ସାରିଲେଣି। ପୁଣି ଗତ ରବିବାର ଦିନ ଭୁବନେଶ୍ୱରର ୱାଇଆଇ ଦୌଡ଼ରେ ପ୍ରଥମ ହୋଇଛନ୍ତି ନାରାୟଣ। ଏହି ଦୌଡ ରାତି ୮ ଟା ରେ ଆରମ୍ଭ ହୋଇଥିଲା।ଏହି ୱାଇଆଇ ଦୌଡ଼କୁ ପରିଚାଳନା କରୁଥିଲେ ଆଇରନମଙ୍କ ସ୍ପୋର୍ଟିଂ ସଲୁସନ୍ ର ସିଇଓ ଗୋପାଳ କୃଷ୍ଣ ସାହୁ ଏବଂ ୟୀ ରେସ ଡାଇରେକ୍ଟର ସୁମିତ୍ ସିଂ।ଏଇ ଦୌଡରେ ୫ ହଜାର ରନର ଆସିଥିଲେ।ନାରାୟଣ ତାଙ୍କ ୪୦ ରୁ ୫୪ ବୟସ କେଟୋଗୋରୀରେ ପ୍ରଥମ ସ୍ଥାନ ହାସଲ କରି ଆମ ଜଳେଶ୍ୱର ବ୍ଲକ ପାଇଁ ଏକ ପ୍ରମୁଖ ପ୍ରତିବିମ୍ବ ସୃଷ୍ଟି କରିଅଛନ୍ତି।ଏହା ପୂର୍ବରୁ ସେ ୧୦ ନଭେମ୍ବରରେ ଛତିଶଗଡ଼ରେ ଦା ଗ୍ରେଟ୍ ଛତିଶଗଡ଼ ମାରାଥନ ରେ ୪୨ କିଲୋଟର ଦୌଡ଼କୁ ୧ଘଣ୍ଟା ଚାଳିଶ ମିନିଟ୍ ରେ ସମାପ୍ତ କରି ପ୍ରଥମ ସ୍ଥାନରେ ଆସିଥିଲେ।ଏହି ପରି ତାଙ୍କର ବିଜୟର ଧାରା ସଦାବେଳେ ଜାରୀ ରହୁ ବୁଲି ଆମେ ଜଳେଶ୍ୱର ବାସି ଭଗବାନଙ୍କ ଠାରେ ପ୍ରଥନା କରିଛନ୍ତି।

# ସୁବର୍ଣ୍ଣରେଖା ବନ୍ଦର ଓ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ବାଲିଆପାଳରେ 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ




ବାଲିଆପାଳ/ଲଙ୍ଗଳେଶ୍ୱର , ୨୨/୧୧ (ନି.ପ୍ର): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ଓ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସପିପିଏଲ) ପକ୍ଷରୁ 'ଏକ ପେଡ୍ ମା କେ ନାମ' ଶୀର୍ଷକରେ ବାଲିଆପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଏକ ବୃକ୍ଷରୋପଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଦେଶବ୍ୟାପୀ ପଦକ୍ଷେପ ପରିବେଶ ସଂରକ୍ଷଣ ଓ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରୁଥିବା ବେଳେ ପରିବେଶ ଦାୟିତ୍ୱବୋଧ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ସବୁଜ ବଳୟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ।ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକାରୀ ବ୍ଲକ ବସ୍ତା ଓ ବାଲିଆପାଳ ଗ୍ରାମ ପଂଚାୟତ ଯଥା ଚଉମୁଖ, ଡଗରା, ଶ୍ରୀରାମପୁର, ଦେଭୋଗ, ବଡାସ, ପ୍ରତାପପୁର, ନାବରା ସମେତ ବିଭିନ୍ନ ଗ୍ରାମର ୬୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଏକତ୍ରିତ କରାଯାଇ ବୃକ୍ଷରୋପଣର ଉପକାରିତା ଏବଂ ଫଳଧାରୀ ଗଛର ପୁଷ୍ଟିକର ମୂଲ୍ୟ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ପୋଷଣ ବଗିଚା ପାଇଁ ପଡ଼ିଆ ଜମିକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇ ବସ୍ତା ଓ ବାଲିଆପାଳ ବ୍ଲକର ୧୫୦୦ ଏସଏଚଜି ସଦସ୍ୟଙ୍କୁ ଆମ୍ବ, ଲେମ୍ବୁ, ପିଜୁଳି, ଡାଳିମ୍ବ ଏବଂ କଦଳୀର ୩୦୦୦ ଚାରା ବଣ୍ଟନ କରାଯାଇ ବୃକ୍ଷରୋପଣ, ପୋଷଣ ଅଭ୍ୟାସ ଏବଂ ଗୋଷ୍ଠୀ ନିୟୋଜନକୁ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସ୍ୱାଗତିକା ସାହୁ, ଗୃହ ବିଜ୍ଞାନ ବୈଜ୍ଞାନିକ ଡ. ଅମିତାରାଣୀ ପାତ୍ର, ବାଲିଆପାଳ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଲକ୍ଷ୍ମୀ ସେନାପତି, ବାଲିଆପାଳ ବ୍ଲକ କୃଷି ଅଧିକାରୀ ରଞ୍ଜିତା ପାତ୍ର, ବାଲିଆପାଳ ଓଏଲଏମ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଉତମ ସାହୁ ଓ ଏସପିପିଏଲର ପ୍ରଶାସନିକ ମୁଖ୍ୟ ବିରଜା ଶଙ୍କର ଦାସ ଉପସ୍ଥିତ ଥିଲେ। କେଭିକେ ପରିସରରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ ଓ ସେମାନଙ୍କ ରକ୍ଷଣାବେକ୍ଷଣ ତଥା ମାଟି ଓ ପ୍ରକୃତି ପ୍ରତି ସମ୍ମାନର ପ୍ରତୀକ ଭାବେ ପ୍ରତିଶ୍ରୁତି ଦେଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଡିସିପି ଅଫିସ ସମ୍ମୁଖରେ ମନୋଜ-ବବି ହାତାହାତି

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ତେଜିଲା ଅଭିନେତା ମନୋଜ ମିଶ୍ର ଓ ବବି ଇସଲାମ କଳି ଘଟଣା । ଆଜି ଡିସିପି ଅଫିସକୁ ଆସିଥିବା ବେଳେ ବବି ଇସଲାମ ଓ ମନୋଜ ମିଶ୍ରଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି । ମନୋଜ ମିଶ୍ର ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିବା ବେଳେ ବବି ଇସଲାମ କଟକ ଦରଘା ବଜାର ଥାନାରେ ମନୋଜଙ୍କ ବିରୋଧରେ ଏତଲା କରିଛନ୍ତି । ଉଭୟଙ୍କ ଏତଲାକୁ ନେଇ ଆଜି ଉଭୟଙ୍କୁ ଡିସିପି ଅଫିସ ଡକାଯାଇଥିଲା । ସେଠାରେ ଉଭୟେ ପ୍ରଥମେ ପରସ୍ପରକୁ ଟିପ୍ପଣୀ ଓ ପରେ ହାତାହାତି ହେବା ପରେ ପୋଲିସ କମିସନର ଅଫିସ ଅଣାଯାଇଥିଲା । ଡିସିପିଙ୍କ ପକ୍ଷରୁ ଉଭୟଙ୍କୁ କାଉନସିଲିଂ କରଯାଇଛି । ପରସ୍ପର ବିରୋଧୀ ଆକ୍ଷେପରୁ ନିବୃତ ରହିବା ପାଇଁ କୁହାଯାଇଛି । ବୈଠକରୁ ବାହାରିବା ପରେ କଡା ମିଜାଜରେ ଆଜିର ଘଟଣା ପାଇଁ କ୍ଷମା ପ୍ରାର୍ଥନା କରିଥିଲେ ମନୋଜ ମିଶ୍ର ।

# ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ପେନସନ ଅଦାଲତ

ବାଲେଶ୍ୱର, ୨୨/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡ଼ିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ)ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୬ ତାରିଖ ମଙ୍ଗଳବାର ଦିନ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏଠାରେ ସୂଚନା ଥାଉ କି, ଏହି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ତାରିଖରେ ସ୍ଥାନୀୟ ସଭାବନା ସଭାଗୃହ ଠାରେ ସକାଳ ଘ ୧୦ ଟିକା ସମୟରେ ଅନୁଷ୍ଠିତ ହେବ। ଏହି ପେନସନ ଅଦାଲତରେ ସରକାରଙ୍କର ବିଭିନ୍ନ ବିଭାଗର ପେନସନ ମଞ୍ଜୁରକର୍ତ୍ତାମାନେ ଠିକ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନସନ କାଗଜ ଏ.ଜି କାର୍ଯ୍ୟାଳୟକୁ ପେନସନ ମଞ୍ଜୁରୀ ନିମନ୍ତେ ପଠାଇବା, ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ଅବସରକାଳୀନ ଦେୟ କାଗଜପତ୍ର ଓ ସେମାନଙ୍କର ପ୍ରାପ୍ୟ ଠିକ ସମୟରେ ପାଇବା ନିମିତ୍ତ ତଥ୍ୟ ପ୍ରଦାନ କରାଯିବ। ଏ.ଜି କାର୍ଯ୍ୟାଳୟ ପକ୍ଷରୁ ପେନସନର ମାନଙ୍କ ଅବସରକାଳୀନ ପ୍ରାପ୍ୟ ଫଇସଲା ପାଇଁ ଏହି ଭଳି କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିବେ।

# ଘରେ କଳାକନା ବୁଲାଇଲେ ଚୋର

କପ୍ତିପଦା, ୨୨/୧୧ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ବଡଗୁଡୁଗୁଡିଆ ଗ୍ରାମରେ ଜୈନିକ ବ୍ୟକ୍ତି ଘରେ ଚୋରୀ ହୋଇଥିବାର ଜଣାପଡିଛି। ଖବରରୁ ପ୍ରକାଶ ଗ୍ରାମରେ ଯାତ୍ରା ଦେଖିବାକୁ ସେହି ଗ୍ରାମର ସୀତାନାଥ ଦତ୍ତ ଏବଂ ପରିବାର ସେଠାକୁ ଯାଇଥିଲେ । ଯାତ୍ରା ଦେଖି ଭୋର ସମୟରେ ଫେରିବାପରେ ଘରର ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ଯାଇଥିବାର ଦେଖିବାକୁ ପାଇଥିଲେ । ଦୁର୍ବୃତ୍ତମାନେ ଘରର ଗୋଦରେଜ୍ ଭାଙ୍ଗି ନଗଦ ୪୦ହଜାର ଟଙ୍କା ସହିତ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନଗହଣାମାନେ ନେଇଥିବାର ଜଣାପଡିଛି । ପୁଲିସ ଖବର ପାଇବାପରେ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାର ତଦନ୍ତ ଜାରୀ ରଖିଛି ।

# ବିଜେପି ସରକାର ଓଡ଼ିଶାର ସଂସ୍କୃତି, ଓଡ଼ିଶାର ଅସ୍ମିତା ରାସ୍ତାରେ ଯାଉଛନ୍ତି- ଆଇନମନ୍ତ୍ରୀ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ବିଜୁ ବାବୁ ଏ ଜାତିର ଜଣେ ମହାପୁରୁଷ । ଓଡିଶା ପ୍ରଦେଶ ପାଇଁ ବିଜୁ ବାବୁଙ୍କର ବି ଅନେକ ଅବଦାନ ରହିଛି । ମାତ୍ର ବିଜୁ ବାବୁଙ୍କୁ ସମ୍ମାନ ଦେବା ନାଁରେ ଅନ୍ୟ ମାନଙ୍କୁ ସମ୍ମାନ ନ ଦେବାର ଚରିତ୍ର ବିଜୁ ଜନତା ଦଳର ଥିଲା । ଆମେ ସେ ଚରିତ୍ରରୁ ବାହାରି ବାକୁ ଚାହୁଁଛୁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଓଡ଼ିଶାର ବରପୁତ୍ର ମାନେ ଯେଉଁମାନଙ୍କର ଓଡ଼ିଶା ପ୍ରତି ଅବଦାନ ରହିଛି ସେମାନଙ୍କ ପୂଜ୍ୟପଜା କରିବା ଏହା ଆମ ଓଡିଶାର ପରମ୍ପରା ଓ ସଂସ୍କୃତି । ଏହା ତାମିଲନାଡୁର ସଂସ୍କୃତି ନୁହେଁ । ଓଡିଶାର ସଂସ୍କୃତି ଅନୁଯାୟୀ ଆମ ସରକାର କାର୍ଯ୍ୟ କରୁଛନ୍ତି । ଓଡ଼ିଶାର ଯେତେ ମହାପୁରୁଷ ମଧୁସୂଦନଙ୍କ ଠୁ ଆରମ୍ଭ କରି ମହତାବ ଓ ବିଜୁ ବାବୁ ସମସ୍ତ ମହାପୁରୁଷ ମାନଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି । ସେମାନଙ୍କ ପୂଜ୍ୟ ପୂଜାକୁ ସମ୍ମାନ ଦେବା କାମ ବିଜେପି ସରକାର କରୁଛି । କିନ୍ତୁ ଯେଉଁଭଳି ଭାବେ ଲମ୍ବା ସମୟ ଧରି ଚାଲିଥିଲା କେବଳ ବିଜୁ ବାବୁଙ୍କ ବିଷୟରେ କହୁଥିଲେ କିନ୍ତୁ ଅନ୍ୟ ମହାପୁରୁଷମାନଙ୍କୁ ଗୌଣ କରି ଦେଇଥିଲେ ବିଜେଡି ସରକାର । ଏପରିକି ଅତ୍ୟନ୍ତ ଦୁର୍ଭାଗ୍ୟର କଥା ହେଉଛି ଦୁଇ ବର୍ଷ ଧରି ମହତାବଙ୍କ ଜୟନ୍ତୀ ସରକାରୀ ସ୍ତରରେ ହେଉଥିବା ରାଜ୍ୟସ୍ତରୀୟ ଉତ୍ସବକୁ ଦୁଇ ବର୍ଷ ହେବ ବନ୍ଦ କରି ଦେଇଥିଲେ ।

# ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

## +୨ରେ କଳ୍ପନା ଓ +୩ରେ ଭାରତି ହେଲେ ଚମ୍ପିୟନ



ଉଦଳା , ୨୨/୧୧ (ନି.ପ୍ର): କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଚଳିତ ନଭେମ୍ବର ୨୧ ତାରିଖ ଗୁରୁବାର ଓ ୨୨ ତାରିଖ ଶୁକ୍ରବାର ୨ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ଉକ୍ତ ଉତ୍ସବରେ ଅଧକ୍ଷତା କରି ଖେଳ ପରିଚାଳନାରେ ସହଯୋଗ କରିଥିବା ସମସ୍ତ ଅଧାପକ , ଅଧାପିକା ଓ କର୍ମଚାରୀ ବୃନ୍ଦଙ୍କୁ କୃତଜ୍ଞତା ଜଣାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଯୋଗାସନକୁ ମଧ ଏକ ଖେଳ ଭାବରେ ଗ୍ରହଣ କରାଯାଇଛି, ଆଗାମି ଦିନରେ ଅଲମ୍ପିକରେ ମଧ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ତେଣୁ ଛାତ୍ରୀ ମାନେ ଯୋଗାସନ ଅଭ୍ୟାସ କରି ଖେଳଦୁନିଆଁରେ ଆଗେଇଯିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ଲିଲି ଭୋଳ, ପରିଚାଳନା କମିଟିର ସଭପତି ରବିନ୍ଦ୍ରନାଥ କଟୁଆଳ, ସଦସ୍ୟ ଗୀତା ଭୋଳ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଖେଳରେ ଯେଉଁମାନେ ଭଲ ଦକ୍ଷତା ପ୍ରଦର୍ଶନ କରିଥାନ୍ତି ସେମାନଙ୍କୁ ଚାକିରି ପାଇବା କ୍ଷେତ୍ରରେ ମଧ ସହଜ ହୋଇଥାଏ । ତାଛଡ଼ା ନିଜକୁ ସୁସ୍ଥ, ସବଳ ଓ ଦିର୍ଘାୟୁ କରିବାକୁ ହେଲେ ଖେଳାଖେଳିର ଅଭ୍ୟାସ ନିୟମିତ ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ କରାଯଇଥିଲା +୨ର ଛାତ୍ରୀ କଳ୍ପନା ପଥୁରିଆ ଓ +୩ର ଛାତ୍ରୀ ଭାରତି ହେମ୍ବ୍ରମ ଚମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଅଧାପିକା ଗୁଞ୍ଜନା ଭୂୟାଁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଅଶ୍ୱିନି କୁମାର ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡ଼ସାହି ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ




ବଡ଼ସାହି , ୨୨/୧୧ (ନି.ପ୍ର): ବୁଧବାର ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନିକ ପଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବର ମୁଖ୍ୟଅତିଥି ଭାବେ ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ବନଜା ଦାସ ବିଜ୍ଞାନ ପତାକା ଉତ୍ତୋଳନ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବଡ଼ସାହି ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଡକ୍ଟର ସୁକାନ୍ତ ପାତ୍ର ଯୋଗଦାନ କରି ପିଲାଙ୍କ ଭିତରେ ଥିବା ବୈଜ୍ଞାନିକ ଚିନ୍ତାଧାରାର ପରିପ୍ରକାଶ ଓ ପଦର୍ଶନ ଏହି ପ୍ରଦର୍ଶନୀର ମୂଳମନ୍ତ୍ର ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବଡ଼ସାହି ଆଇ.ଆଇ.ସି ଉମାଶଙ୍କର ନାୟକ ଓ ଏବିଇଓ ପଦ୍ମଲୋଚନ ଦାସ, ଏବିଇଓ ବସନ୍ତ ମଞ୍ଜରୀ ପଟ୍ଟନାୟକ, ଏବିଇଓ ରାଧିଆ ଚରଣ ମୁଣ୍ଡା ଯୋଗଦାନ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ବିଜ୍ଞାନ ପ୍ରଦର୍ଶନୀର ଲକ୍ଷ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଗଠକ ସଂପାଦକ ତଥା ପ୍ରଧାନଶିକ୍ଷକ ଅଜିତ୍ କୁମାର ଷଡଙ୍ଗୀ ଅନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହି ଲୋକପ୍ରିୟ ବିଧାୟକ ସନାତନ ବିଜୁଳୀ ଯୋଗଦାନ କରି ଆଧୁନିକ ସମାଜର ଅଗ୍ରଗତି ପାଇଁ ଯଦିଓ ବିଜ୍ଞାନର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ମାତ୍ର ଏହାକୁ ସଠିକ ପରିଚାଳନା ନକଲେ ଏହାର ପରିଣାମ ଯେ କେତେ ଭୟଙ୍କର ହୋଇପାରେ ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ। ବିଭିନ୍ନ ବର୍ଗରେ ମୋଟ ୧୨୭ଟି ବିଜ୍ଞାନ ପ୍ରକଳ୍ପ ପଦର୍ଶିତ ହୋଇଥିଲା। ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନୀକାନ୍ତ ଚୌଧୁରୀ ଓ ରାଇକମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ୍ ଜେନା କରିଥିବାବେଳେ ମଂଚ୍‌ସଂଚାଳନ ଶିକ୍ଷକ ଲଳିତ ମହାନ୍ତି ଓ ବାଣୀଶ୍ରୀ ସିଂହ କରିଥିଲେ। ବିଭିନ୍ନ ବର୍ଗରୁ ବଡ଼ସାହି ହାଇସ୍କୁଲର ଓମ୍ ଶଙ୍କର ରଣାଙ୍କ ପ୍ରକଳ୍ପ ସହଜ ପରିବହନ ଚୌକି, ଦେଉଳିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ୍ ମହାପାତ୍ରଙ୍କ ପ୍ରକଳ୍ପ ଅଟୋମେଟିକ ଗ୍ରିସିଙ୍ଗ ଏଣ୍ଡ ଚେନ୍ ଏଡ୍‌ଜେଷ୍ଟିଙ୍ଗ, ମାଧପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜ୍ୟୋତିପ୍ରକାଶ ପଣ୍ଡାଙ୍କ ପ୍ରକଳ୍ପ ବିଦ୍ୟୁତ ପୋଲିସ, ପଞ୍ଚାୟତ ହାଇସ୍କୁଲ ଶୀଳଗାଁର ଜଗନ୍ନାଥ ପ୍ରଧାନଙ୍କ ପ୍ରକଳ୍ପ ସୋଏଲ ଟେଷ୍ଟିଙ୍ଗ, ଗୌଡ଼ମୁଣ୍ଡଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୀପିକା ବାରିକଙ୍କ ପ୍ରକଳ୍ପ ଭାବନା କହିବ ଗଣିତ, ଛେଳିଆଏ ହାଇସ୍କୁଲର ପ୍ରଜ୍ଞାମିତା ଛତିଆଙ୍କ ପ୍ରକଳ୍ପ ମେକିଙ୍ଗ ରୋପ୍ ଫ୍ରମ୍ ପ୍ଲାଷ୍ଟିକ ବୋଟଲ, ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରିତିସ୍ମିତା ଦାସଙ୍କ ପ୍ରକଳ୍ପ ଫଳ ତୋଳିବା ଉପକରଣ ଆଦି ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା । ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହିତ ସ୍ୱାଗତ ସଂଗୀତ ଗାନ କରିଥିଲେ । ପିଲା ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ପଦର୍ଶନୀ ଦେଖିବା ପାଇଁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭିଡ ଜମିଥିଲା। ଏନ୍‌ସିସି ଅଫିସର ଦେବାଶିଷ ଦାଶଙ୍କ ତତ୍ତ୍ୱାବଧାନରେ ଏନ୍‌ସିସି ପିଲାମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଖୁବଶୀଘ୍ର ଅବକାରୀ ନିୟମରେ ହେବ ବ୍ୟାପକ ପରିବର୍ତ୍ତନ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଖୁବଶୀଘ୍ର ଅବକାରୀ ନିୟମରେ ହେବ ବ୍ୟାପକ ପରିବର୍ତ୍ତନ । ଚୋରାମଦକୁ କଠୋର ହସ୍ତରେ ଦମନ କରିବାକୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ ଡ୍ରଗ୍ସ କାରବାର ସମ୍ପୂର୍ଣ୍ଣ ମୂଳପୋଛ ହେବ । ଏନିସିବି ଓ ଅବକାରୀ ବିଭାଗ କରିବେ ମିଳିତ ଅପରେସନ । ରାଜ୍ୟରେ ଯେଉଁ ସ୍ଥାନରେ ସବୁ ଚୋରାମଦର କାରବାର ହେଉଛି ଦେଶୀ କି ବିଦେଶୀ ହେଉ ସେଗୁଡିକୁ କଠୋର ହସ୍ତରେ ଦମନ କରିବାକୁ ଅବକାରୀ ବିଭାଗ କଡ଼ା ପଦକ୍ଷେପ ନେବାକୁ ଯାଉଛି । ଅବକାରୀ ନିୟମରେ ବ୍ୟାପକ ପରିବର୍ତ୍ତନ ନେଇ ମଧ ମାନସ ମନ୍ଥନ ଚାଲିଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

# ଆଦାନୀ ଲାଂଚ ମାମଲାରେ ଅଭିଯୋଗ ଭିତ୍ତିହୀନ: ବିଜେଡି

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଆଦାନୀ ଲାଂଚ ମାମଲାରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇଛି । ଏ ସମ୍ପର୍କରେ ଆସୁଥିବା ଅଭିଯୋଗ ଭିତ୍ତିହୀନ ଓ ଠିକ ନୁହେଁ ବୋଲି ବିଜେଡି କହିଛି । କେନ୍ଦ୍ର ସରକାର ସ୍କିମ ଅନୁସାରେ ଏମ୍‌ଓୟୁ କରାଯାଇଥିଲା ଓ ଏମ୍‌ଓୟୁ ଦୁଇ ସରକାରୀ ସଂସ୍ଥା ମଧ୍ୟରେ କରାଯାଇଥିଲା । ଏଥିରେ କୌଣସି ତୃତୀୟ ପକ୍ଷ କିମ୍ବା ଆଦାନୀ ନ ଥିଲେ । ତେଣୁ ଏହି ଅଭିଯୋଗ ଭିତିହୀନ ବୋଲି ଦଳ ପକ୍ଷରୁ କୁହା ଯାଇଛି । ଦଳର ଉପ ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଏକ ପ୍ରେସ ବିବୃତିରେ କହିଛନ୍ତିଯେ, ୨୦୨୧ ମସିହାରେ ହସ୍ତାକ୍ଷରିତ ବିଦ୍ୟୁତ୍ କ୍ରୟ ଚୁକ୍ତିଟି ଦୁଇଟି ସରକାରୀ ଏଜେନ୍ସିଙ୍କ ମଧ୍ୟରେ ହୋଇଥିଲା। ଗୋଟିଏ ହେଉଛି ଭାରତ ସରକାରଙ୍କ ନବୀନ ଓ ପୁନଃନବୀକରଣୀୟ ଉର୍ଜା ମନ୍ତ୍ରଣାଳୟ ଅଧୀନରେ ଥିବା ସରକାରୀ ସର୍ବଜନିକ କ୍ଷେତ୍ରର ଉପକ୍ରମ ଓ ମିନି ରତ୍ନ କମ୍ପାନୀ, ଏସଇସିଆଇ ଓ ରାଜ୍ୟ ସରକାରର ସାର୍ବଜନିକ କ୍ଷେତ୍ର ଉପକ୍ରମ ଗ୍ରିଡକୋ। ଏହି ଚୁକ୍ତିର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ପୁନଃନବୀକରଣୀୟ ଉର୍ଜା ଯୋଗାଣ। ଏହି ଚୁକ୍ତିଟି କେନ୍ଦ୍ର ସରକାରର 'ମାନୁଫ୍ୟାକ୍ଚରିଂ ଲିଙ୍କ୍ଡ ସୋଲାର୍ ଯୋଜନା' ଅନ୍ତର୍ଗତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଏସଇସିଆଇ ଠାରୁ ୫୦୦ ମେଗାୱାଟ୍ ପୁନଃନବୀକରଣୀୟ ଉର୍ଜାକୁ ସର୍ବନିମ୍ନ ଦରରେ କ୍ରୟ କରାଯାଇଥିଲା, ଯାହା ଏସଇସିଆଇ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo